
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୩ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 September 2024
Vol.No. 35 ■ No.246 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କଲେ ମମତା ବାନାର୍ଜୀ



ନୂଆଦିଲ୍ଲୀ, ୧୨/୯ : ଆନ୍ଦୋଳନ କରୁଥିବା ଜୁନିୟର ଡାକ୍ତରଙ୍କ ସହ ଲାଗି ରହିଥିବା ଅଚଳା ଅବସ୍ଥା ମଧ୍ୟରେ ବଡ଼ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ନିଜ ପଦରୁ ଇସ୍ତଫା ଦେବାକୁ ରାଜି ଥିବା ଆଜି କହିଛନ୍ତି। ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି। ଆଜି ସେମାନଙ୍କ ସହ ମମତା ବାନାର୍ଜୀ ନବାନ୍ନରେ ଆଲୋଚନା କରିବାର ଥିଲେ। ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ। ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାପରେ ସେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି। ମମତା କହିଛନ୍ତି, "ଆମ ସରକାର ଅପମାନିତ ହୋଇଛନ୍ତି। ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହାକୁ ରାଜନୀତିକ ରଙ୍ଗ ଦିଆଯାଉଛି। ସେମାନେ ନ୍ୟାୟ ଚାହୁଁ ନାହାନ୍ତି। ସେମାନେ ଚେୟାର ଚାହୁଁନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁ। ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହେଁ ନାହିଁ। ମୁଁ ତିଳୋତମା (ଆରଜି କର ପୀଡ଼ିତାଙ୍କ ଛଦ୍ମନାମ)ଙ୍କ ପାଇଁ ନ୍ୟାୟ ଚାହୁଁଛି। ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ମୁଁ ଚାହୁଁଛି। ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି।" ମମତା ବାନାର୍ଜୀ ଆହୁରି କହିଛନ୍ତି, "ଆମ ପାଖରେ ବୈଠକକୁ ରେକର୍ଡ କରିବାର ପୂରା ବ୍ୟବସ୍ଥା ରହିଥିଲା। ସ୍ୱଚ୍ଛତା ଓ ପ୍ରକୃତ ତଥ୍ୟ ପାଇଁ ଆମେ ପୂରା ପ୍ରକ୍ରିୟାର ଭିଡିଓ ରେକର୍ଡିଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଜାରି କରିବା ପାଇଁ ପ୍ରସ୍ତୁତ ଥିଲୁ। ମାମଲା ବିଚାର ପ୍ରକ୍ରିୟାରେ ରହିଥିବାରୁ ଆମେ ଲାଇଭ ଟେଲିକାଷ୍ଟ କରିବା ସପକ୍ଷରେ ନାହୁଁ।" ଆନ୍ଦୋଳନକାରୀ ଡାକ୍ତର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ୫ଟାରେ ହେବାକୁ ଥିବା ବୈଠକ ପାଇଁ ରାଜି ହୋଇଥିଲେ। କିନ୍ତୁ ଲାଇଭ ଟେଲିକାଷ୍ଟ ଦାବିରେ ସେମାନେ ନବାନ୍ନ ଭିତରକୁ ମିଟିଂ ପାଇଁ ଆସି ନାହାନ୍ତି। ମମତା ଓ ଜଣେ ଅଧିକାରୀ ଚେୟାର ପକାଇ ଆଲୋଚନା କରିବାକୁ ଅପେକ୍ଷା କରିବା ବେଳର ଫଟୋ ମଧ୍ୟ ସାମ୍ନାକୁ ଆସିଛି।

## ଆସନ୍ତା ୧୮ରେ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରିବ ଏ.ଏସ.ଆଇ



ପୁରୀ, ୧୨/୯ (ନି.ପ୍ର): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ.ଏସ.ଆଇ ) ପକ୍ଷରୁ ଆସନ୍ତା ୧୮ ସେପ୍ଟେମ୍ବର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଅନୁଷ୍ଠିତ ହେବ । ଏନେଇ ଏ.ଏସ୍.ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯାଇଛି । ତଦନୁସାରେ, ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଂଚ ଅନୁଷ୍ଠିତ ହେବ। ଏ.ଏସ୍.ଆଇ ର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ନିରୀକ୍ଷଣ ହେବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢୀ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ଏସଓପି ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ କୋଠରୀକୁ ସ୍ଥାନାନ୍ତରଣ ଏବଂ ଖାଲି ଆଲମିରା ତଥା ସିନ୍ଦୁକ ଗୁଡିକ ସ୍ଥାନାନ୍ତରିତ ହୋଇ ସାରିଛି। ତାପରେ ଏ.ଏସ୍.ଆଇ କୁ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଥିଲା । ଏହା ଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ ଏ.ଏସ୍.ଆଇକୁ ଅନୁରୋଧ କରାଯାଇଥିଲା। ପୂର୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏ.ଏସ୍.ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି।

## ରାଜ୍ୟ କ୍ୟାବିନେଟ ବୈଠକରେ ୩ ପ୍ରସ୍ତାବକୁ ମୋହର




ଭୁବନେଶ୍ୱର, ୧୨/୯ (ନି.ପ୍ର): ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ ବୈଠକ ଶେଷ ହୋଇଛି। ୩ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି। ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ବାପାମା'ଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି । ଥଇଥାନ ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି । ସେହିପରି ଅଗ୍ନିବୀରଙ୍କୁ ନେଇ କ୍ୟାବିନେଟରେ ବଡ଼ ନିଷ୍ପତ୍ତି ହୋଇଛି। ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର (ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪ ର ପ୍ରଣୟନ। ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସର ପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବେ ରାଜ୍ୟ ସରକାର। ଅବସର ପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ଦଶ ପ୍ରତିଶତ (୧୦%) ଆନୁଭୂମିକ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ଦଶ ପ୍ରତିଶତ (୧୦%) ସଂରକ୍ଷଣ ରହିବ ।ନିର୍ଦ୍ଧାରିତ ବୟସ ସୀମାକୁ ତିନି (୦୩) ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ । ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ର ସଂଶୋଧନ କରାଯାଇଛି। ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ▶▶ପୃଷ୍ଠା ୭

## ଚାନ୍ଦିପୁରରୁ କ୍ଷେପଣାସ୍ତ୍ରର ପରୀକ୍ଷଣ



ବାଲେଶ୍ୱର , ୧୨/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡରୁ ଆଜି ଅପରାହ୍ନ ୩ଟା ୧୯ ମିନିଟରେ ଭାର୍ଟିକାଲ ଲଞ୍ଚ ସ୍ୱଳ୍ପ ଦୂରଗାମୀ ଭୂପୃଷ୍ଠରୁ ଆକାଶକୁ ଲକ୍ଷଭେଦ କରିପାରୁଥିବା ଭିଏଲ୍-ଏସ୍ଆରଏସ୍ଏଏମ୍ (ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ପରୀକ୍ଷଣ ପରେ ରାଡାରରୁ ମିଳିଥିବା ତଥ୍ୟକୁ ଡିଆରଡିଓର ବୈଜ୍ଞାନିକମାନେ ସମୀକ୍ଷା କରୁଛନ୍ତି। ସ୍ୱଳ୍ପ ଦୂରଗାମୀ ମିସାଇଲରେ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହି ପରୀକ୍ଷଣ ପାଇଁ ୩ ନମ୍ବର ଲଞ୍ଚପ୍ୟାଡର ଅଢେଇ କିଲୋମିଟର ଦୂରତା ମଧ୍ୟରେ ୩୧୦୦ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ▶▶ପୃଷ୍ଠା ୭

## ୧୮ରୁ ଆରମ୍ଭ ହେବ ଯୁକ୍ତ ଦୁଇ ଫର୍ମ ପୂରଣ

ଭୁବନେଶ୍ୱର, ୧୨/୯ (ନି.ପ୍ର): ୧୮ରୁ ଆରମ୍ଭ ହେବ ଯୁକ୍ତ ଦୁଇ ଫର୍ମ ପୂରଣ। କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ପାଇଁ ଫର୍ମ ଫିଲଅପ୍ କରିବେ ଛାତ୍ରଛାତ୍ରୀ। ସେପ୍ଟେମ୍ବର ୧୮ ତାରିଖରୁ ଅକ୍ଟୋବର ୧ ଯାଏଁ ବିନା ଜରିମାନା ଦେୟରେ ଫର୍ମ ପୂରଣ କରିପାରିବେ ଛାତ୍ରଛାତ୍ରୀ। ତେବେ ଅକ୍ଟୋବର ୪ରୁ ୧୪ ତାରିଖ ଭିତରେ ଫର୍ମ ଫିଲଅପ୍ କଲେ ୨୦୦ ଟଙ୍କା ଫାଇନ୍ ପଡ଼ିବ। ସେହିଭଳି ନଭେମ୍ବର ୧୧ରୁ ୧୮ ଭିତରେ ଫର୍ମ ପୂରଣରେ ଲାଗିବ ୬୦୦ ଟଙ୍କା ଜରିମାନା। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ଆସୁଛି ଆଉ ଏକ ଲଘୁଚାପ: ୩ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୨/୯ (ନି.ପ୍ର): ଆସୁଛି ଆଉ ଏକ ଲଘୁଚାପ। ଦକ୍ଷିଣ-ପୂର୍ବ ବାଂଲାଦେଶ ଉପରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହା ୨୪ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମକୁ ଗତି କରି ଅବପାତରେ ପରିଣତ ହୋଇପାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତାକାଲିଠୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶୁକ୍ରବାର କଳାହାଣ୍ଡି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ▶▶ପୃଷ୍ଠା ୭

## ଚାଷୀଙ୍କୁ ଦେଲେନି: ଜଙ୍ଗଲରେ ଫିଙ୍ଗିଦେଲେ ଡୋଲୋମାଇଟ୍



ସୁନ୍ଦରଗଡ଼, ୧୨/୯ (ନି.ପ୍ର): ଉର୍ବର ହେବ ଚାଷ ଜମି। ଆଉ ସଶକ୍ତ ହେବେ ଚାଷୀ। ସେଥିପାଇଁ ଚାଷୀଙ୍କୁ ଯୋଗାଇଦେବାକୁ ଆସିଥିଲା ଡୋଲୋମାଇଟ୍। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଡୋଲୋମାଇଟ୍ ଯୋଗାଇ ଦିଆଯାଇଥିଲା। ହେଲେ ସେହି ଡୋଲୋମାଇଟ୍‌କୁ ଏବେ ଜଙ୍ଗଲରେ ଫିଙ୍ଗି ଦିଆଯାଇଛି। ବସ୍ତେ କି ଦୁଇ ବସ୍ତା ନୁହେଁ, ଶହଶହ ଡୋଲୋମାଇଟ୍ ▶▶ପୃଷ୍ଠା ୭

## ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ ଅଙ୍କୁଶ

### ବିଜେଡି ସରକାରଙ୍କ ନିଷ୍ପତ୍ତି ରଦ୍ଦ: କଡ଼ା ଆଭିମୁଖ୍ୟ ଦେଖାଇଲେ ମୋହନ



ଭୁବନେଶ୍ୱର, ୧୨/୯ (ନି.ପ୍ର): ରାଜ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃନିଯୁକ୍ତି ବା ଥଇଥାନ ଉପରେ ଲାଗିଲା ବ୍ରେକ୍ । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ ୪ଜଣିଆ କମିଟିର ସୁପାରିଶ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ମିଳିପାରିବ ନାହିଁ । ଏପରିକି କୌଣସି ପୁନଃନିଯୁକ୍ତିକୁ ପୋଷ୍ଟଫେକ୍ଟୋ (ପିଛିଲା ଭାବେ) ମଧ୍ୟ ଅନୁମୋଦନ ମିଳିବ ନାହିଁ । ଯଦି ଅତ୍ୟନ୍ତ ଜରୁରୀ ନହୁଏ ତା'ହେଲେ ପୁନଃନିଯୁକ୍ତି ମିଳିବା ସମ୍ଭବପର ହେବନି । ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ । ତା'ଛଡ଼ା ଯେଉଁ ଅଫିସର ବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯିବ ସେ ଅବସର ପୂର୍ବରୁ କ୍ରମାଗତ ୫ବର୍ଷ ପାଇଁ ତାଙ୍କର ସିସିଆର/ ପିଏଆର 'ଆଉଟଷ୍ଟାଣ୍ଡିଂ' ରହିବା ଜରୁରୀ । ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଅପରାଧିକ ମାମଲା ମଧ୍ୟ ବିଚାରାଧୀନ ନଥିବ କିମ୍ବା ସେ କୌଣସି ଅସଦାଚରଣ ମାମଲାରେ ଦଣ୍ଡିତ ବି ହୋଇନଥିବେ । ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଆଜି ୨୦୧୪ ଅଗଷ୍ଟ ୨୭ତାରିଖରେ ବିଜେଡି ସରକାରଙ୍କ ଦ୍ୱାରା ଜାରି ପୁନଃନିଯୁକ୍ତି ସଂକ୍ରାନ୍ତ ସଂକଳ୍ପକୁ ଖାରଜ କରି ନୂଆ ସଂଶୋଧିତ ▶▶ପୃଷ୍ଠା ୭

## କୋଟିପତି ସହକାରୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭଞ୍ଜନଗର, ୧୨/୯ (ନି.ପ୍ର): ସହକାରୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ପ୍ରସନ୍ନଙ୍କ ଭଞ୍ଜନଗର ବାଗଦେବୀ ରୋଡରେ ଥିବା ଦୁଇଟି ତିନି ମହଲା ଘର,ବ୍ରହ୍ମପୁର ତୁଳସୀନଗରର ୪ ମହଲାବିଶିଷ୍ଟ ବିଲଡିଂ,ଭଞ୍ଜନଗର ରଘୁନାଥ ବିହାରରେ ଥିବା ଜଣେ ସଂପର୍କୀୟଙ୍କ ଘର, ବାଗଦେବୀ ରୋଡରେ ଥିବା ତାଙ୍କର ଜଣେ ଭାଇଙ୍କ ଘର,ଭଞ୍ଜନଗର ଅଫିସ୍ ଓ ଲୁଡୁଲୁଡିରେ ▶▶ପୃଷ୍ଠା ୭

## ପ୍ରଧାନ ବିଚାରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗଣେଶ ପୂଜା: ମନମୋହନଙ୍କ ଇଫତାର ପାର୍ଟି ଫଟୋ ଜାରି କଲା ବିଜେପି



ନୂଆଦିଲ୍ଲୀ, ୧୨/୯ : ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଘରେ ଆୟୋଜିତ ଗଣେଶ ପୂଜା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବା ପରେ ଏହାକୁ ନେଇ ବିବାଦ ଦେଖାଇଛନ୍ତି। ଏହା ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ତେବେ ବିରୋଧୀ ପ୍ରଧାନମନ୍ତ୍ରୀଙ୍କ ଏପରି କାର୍ଯ୍ୟକ୍ରମକୁ ଟାର୍ଗେଟ କରି ନିଜର ଦୋମୁହାଁ ନୀତି ଦେଖାଇଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ଏହି ପ୍ରସଙ୍ଗକୁ କାଉଣ୍ଟର କରିବା ପାଇଁ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ୨୦୦୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ତାଙ୍କ ବାସଭବନରେ ଆୟୋଜନ କରିଥିବା ଇଫତାର ପାର୍ଟିର ପୁରୁଣା ଫଟୋ ଶେୟାର କରିଛନ୍ତି। ଏହି ଇଫତାର ପାର୍ଟିରେ ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ କେଜି ବାଲକ୍ରିଷ୍ଣନ ଯୋଗ ଦେଇଥିଲେ। ଫଟୋ ଶେୟାର କରି ପୁନାୱାଲା କହିଛନ୍ତି, "୨୦୦୯-ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଇଫତାର ପାର୍ଟିରେ ତତ୍କାଳୀନ ସିଜେଆଇ କେଜି ବାଲକ୍ରିଷ୍ଣନ ଯୋଗ ଦେଇଥିଲେ। ଏହା ଧର୍ମନିରପେକ୍ଷ। ନ୍ୟାୟପାଳିକା ସୁରକ୍ଷିତ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଗଣେଶ ପୂଜାରେ ▶▶ପୃଷ୍ଠା ୭

## ବରିଷ୍ଠ କମ୍ୟୁନିଷ୍ଟ ନେତା ସୀତାରାମ ୟେଚୁରୀଙ୍କ ପରଲୋକ



ନୂଆଦିଲ୍ଲୀ, ୧୨/୯ : ବରିଷ୍ଠ ସିପିଆଇଏମ ନେତା ସୀତାରାମ ୟେଚୁରୀଙ୍କ ପରଲୋକ । ନୂଆଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ସେ ଦୀର୍ଘଦିନ ଧରି ଫୁସଫୁସ ସଂକ୍ରମଣରେ ଆକ୍ରାନ୍ତ ଥିଲେ । ପରେ ନିମୋନିଆରେ ମଧ୍ୟ ପୀଡିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ବରିଷ୍ଠ ରାଜନେତା ୟେଚୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ କିଛିଦିନ ▶▶ପୃଷ୍ଠା ୭

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୧୨/୦୯ (ନି.ପ୍ର): ଭବାନୀପାଟଣା ସହରସ୍ଥିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କ୍ଷରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସଚିନ ।ୱାର ପ୍ରକାଶ ଯୋଗଦେଇ ଶ୍ରୀ କରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଶିକ୍ଷାଦାନ କ୍ଷେତ୍ରରେ ନିଜର କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ସେବା ପାଇଁ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଶ୍ରୀ କର ଜିଲ୍ଲା ତଥା ଶିକ୍ଷା ବିଭାଗ ପାଇଁ ଗର୍ବ ଓ ଗୌରବ। ଆଗାମୀ ଦିନରେ ଶ୍ରୀ କରଙ୍କ ଭଳି ଅନ୍ୟ ଶିକ୍ଷକ ବନ୍ଧୁମାନେ ମଧ ଜିଲ୍ଲା ତଥା ଶିକ୍ଷା ବିଭାଗ ପାଇଁ ଗୌରବ ଆଣିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ କରଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଉଥିବା ସମୟର ଭିଡିଓ ପ୍ରଦର୍ଶନ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ବିଇଓ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକଗଣ, ପୂର୍ବ ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଂଶୁ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଡିପିସି ଅଫିସର କର୍ମଚାରୀ ଉପସ୍ଥିତ ଥିଲେ। ଧନ୍ୟବାଦ ଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରଶାନ୍ତ ନନ୍ଦ, ବୀରେନ୍ଦ୍ର ଆଚାର୍ଯ୍ୟ, ସୋମନାଥ ସାହୁ, ତନ ମୁଣ୍ଡ ରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ ଶ୍ରୀ କର ଗତ ଗୁରୁଦିବସ ଦିନ ଦିଲ୍ଲୀ ଠାରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ ହୋଇଥିଲେ। ଶ୍ରୀ କରଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଏହି ସମ୍ବର୍ଦ୍ଧନା ଜ୍ଞାନ କରାଯାଇଥିବାରୁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲ ବିବିଧିକରଣ ଯୋଜନା

ଜୟପୁର, ୧୨/୦୯ (ନି.ପ୍ର): ଖରିଫ ଋତୁରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ ଥିବା ଉଚ୍ଚ ଓ ଧାନ ଜମିରେ ଧାନ ପରିବର୍ତ୍ତେ ଅଣ ଧାନ ଫସଲ ଚାଷ କରିବା ନିମନ୍ତେ ଆଜି ଠାରୁ ଏହି କୃଷକ ରଥ ୭ ଟି ପଂଚାୟତରେ ୫ ଦିନ ଧରି ବୁଲିବ। ଆଜି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟରୁ ଏହି ରଥ ବାହାରିଛି। ଏନେଇ ଆଜି ଜିଲ୍ଲା କୃଷି ଅଧିକାରୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି,ଜୟପୁର ଏଡିଓ ଲୋଚନ ଚନ୍ଦ୍ର ମାଝୀ, କୋରାପୁଟ,ଏବଂ ନନ୍ଦପୁର ଏଡିଓ ଏମ୍ ପ୍ରକାଶ ରାଓ ଏବଂ ଏ. ଏ. ଓ .ମାନେ ଉପସ୍ଥିତ ରହିଥିଲେ। ଏହି କୃଷି ରଥ ୫ ଦିନ ଧରି ୭ ଟି ପଂଚାୟତ ବୁଲିବା ନେଇ ସୂଚନା ଦେଇଛନ୍ତି ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି। ରାଣୀ ଗଡ଼,କାଳିଆ ଗାଁ,ଅନ୍ତା, ହାଡିଆ, କେବିଡ଼ି,ବାରିଣୀ ପୁଟ, ଏବଂ ଫାଙ୍କୁଡିଆ ବୁଲିବା ନେଇ ସୂଚନା ମିଳିଛି। ଖରିଫ୍ ଋତୁରେ ଉଚ୍ଚ/ ମଧ୍ୟମ ଧାନ ଜମିରେ ଧାନ ପରିବର୍ତ୍ତେ ଅଣଧାନ ଫସଲ ଚାଷ କରୁଥିବା ଚାଷୀ ମାନଙ୍କ ପାଇଁ ଏହା ଏକ ସରକାରଙ୍କ ତରଫରୁ ପ୍ରୋତ୍ସାହନ। ଏହି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲ ବିବିଧିକରଣ ଯୋଜନା ଦ୍ୱାରା ହିତାଧିକାରୀ ଚାଷୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ, ତାଲିମ୍ ଓ ଶିକ୍ଷା ପରିଭ୍ରମଣ ମାଧ୍ୟମରେ ଚାଷୀମାନଙ୍କର ଦକ୍ଷତା ବୃଦ୍ଧି,କୃଷକ ଉତ୍ପାଦକ ସଂଘ ଗଠନ ଓ ବଜାର ସଂଜଗୀକରଣ,ଓ ଫସଲ ବିବିଧି କରଣ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ହେବା ନେଇ ସୁବିଧା ରହିଛି। ବୃହତ୍ ଜଳ ସେଚିତ ଅଂଚଳରେ ଫସଲ ବିବିଧିକରଣ ଜଣେ କୃଷକ ଏକୁଟିଆ କରିବା ସହଜ ନୁହେଁ। ତେଣୁ ସେମାନେ ଗୋଷ୍ଠୀରେ ସାମିଲ ହୋଇ ଏକାଠି ସଂଘବଦ୍ଧ ଭାବେ ଏହି କାର୍ଯ୍ୟ କଲେ ସବୁ କ୍ଷେତ୍ରରେ ସଫଳ ହେବା ସୁନିଶ୍ଚିତ। ତେଣୁ ଗୋଟିଏ ଛାତ ତଳେ କୃଷକ ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ବିସ୍ତୃତ ଭାବେ ଏକାଭିମୁଖୀ କାର୍ଯ୍ୟମାନ ହାତକୁ ନିଆଯାଇଅଛି।ଖଲିଫ ଋତୁରେ ଅଣଧାନ ଜାତିୟ ଫସଲ ଚାଷ ପ୍ରତି ଚାଷୀ ମାନଙ୍କ ମଧରେ ଆଗ୍ରହ ସୃଷ୍ଟି କରିବା ତଥା ଧାନ ପରିବର୍ତ୍ତେ ବଜାର ଚାହିଦା ମୁତାବକ ଅଣଧାନ ଫସଲ ଚାଷ କରିବା ଏହି ଯୋଜନାର ମୂଳ ଲକ୍ଷ। ସବୁଜ ପତାକା ଦେଖାଇ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାନ୍ତି ଶୁଭାରମ୍ଭ କରିଥିଲେ।

# ପ୍ରକୃତି ସାଧିଲା ଦାଉ: ସାହାରା ହେଲା ପ୍ରଶାସନ

ଜୟପୁର, ୧୨/୦୯ (ନି.ପ୍ର): ଲଗାଣ ବର୍ଷା ରେ କୋଟପାଡ଼ ନିର୍ବାଚନ ମଣ୍ଡଳୀ ବୋରିଗୁମ୍ମା ବ୍ଲକର ବାଣ୍ଡିଗୁଡା ପଂଚାୟତ ଲଘୁଚାପ ଜନିତ ଲଗାଣ ବର୍ଷା ରେ ବୋରିଗୁମ୍ମା ବ୍ଲକ ର ବାଣ୍ଡିଗୁଡା ପଂଚାୟତ ଦୁଆରାମ ଗ୍ରାମ ରେ ବିଶେଷ କ୍ଷତିଗ୍ରସ୍ତ ହେଇଛି । ୪୦ ରୁ ଉର୍ଦ୍ଧ ଗ୍ରାମବାସୀଙ୍କୁ ସ୍ଥାନୀୟ ଅଙ୍ଗନ ବାଡ଼ି କେନ୍ଦ୍ରରେ ଥଇଥାନ କରାଯାଇଛି । ବୋରିଗୁମ୍ମା ଅଂଚଳରେ ତିନି ଦିନ ଧରି ଲଗାଣ ବର୍ଷା ହେତୁ ବୋରିଗୁମ୍ମା ବ୍ଲକ ର ବାଣ୍ଡିଗୁଡା ପଂଚାୟତ ରେ ବିଭିନ୍ନ ଗ୍ରାମ ରେ ଘୋର ଭାଙ୍ଗିଥିବା ବେଳେ ପ୍ରଶାସନ ତରଫରୁ ଶୁଖିଲା ଖାଦ୍ୟ ବଂଟନ କରିବାସହ ବିଭିନ୍ନ ସମସ୍ୟା ବୁଝିଥିଲେ । ବିଶେଷ କରି ଦୁଆରାମ ଗ୍ରାମ ପାହାଡ଼ ପାଦଦେଶରେ ରହିଥିବାରୁ ଲଗାଣ ବର୍ଷା ଯୋଗୁଁ ଗ୍ରାମ ର ପ୍ରାୟ ୮ ଘୋର ପରିବାର ଙ୍କ ଘର କିଛି ଭାଙ୍ଗିଥିବା ବେଳେ ଏକାଧିକ ଘର ବିପଦ ସଂକୁଳ ଅବସ୍ଥା ରେ ଥିବା ଯୋଗୁଁ ବୋରିଗୁମ୍ମା ଗୋଷ୍ଠି ଉନ୍ନୟନ ଅଧିକାରୀ ସନ୍ଧ୍ୟା ରାଣୀ ସମରଥ ସ୍ଥାନୀୟ ସରପଂଚ ଗଣେଶ୍ୱର ନାୟକ ଗ୍ରାମ ପରିଦର୍ଶନ କରିବା ସହ ପ୍ରତେକ ଘୋର ଘୋର ବୁଲି ସମସ୍ୟା ବୁଝିବା ସହ ବିପଦ ସଂକୁଳ ଅବସ୍ଥା ରେ ଥିବା ଘୋର ସଦସ୍ୟମାନଙ୍କୁ ପ୍ରଶାସନ ଟରଫରୁ ୪୦ରୁ ଉର୍ଦ୍ଧ ଗ୍ରାମବାସି ଙ୍କୁ ତିନି ଦିନ ଧରି ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର ରେ ଥଇଥାନ କରି ରନ୍ଧାଖାଦ୍ୟ ଯୋଗାଇ ଦିଆ ଯାଉଛି।

## ସୁଭଦ୍ରା ଫର୍ମ ପୂରଣ ଓ ରେଜିଷ୍ଟ୍ରେସନ ପାଇଁ ଅର୍ଥ ଆଦାୟ ଅଭିଯୋଗ

ଗଂଜାମ, ୧୨/୦୯ (ନି.ପ୍ର): ସୁଭଦ୍ରା ଯୋଜନା ପାଇଁ ଫର୍ମ ପୂରଣ ଓ ଅନଲାଇନରେ ରେଜିଷ୍ଟ୍ରେସନ ପାଇଁ ଆବେଦନକାରୀଙ୍କ ଠାରୁ ଗଂଜାମ ଜିଲାରେ ଓ ବ୍ରହ୍ମପୁର ସହରରେ ମୋ ସେବା କେନ୍ଦ୍ର ଏବଂ ଜନସେବା କେନ୍ଦ୍ର ଗୁଡିକ ୫୦ରୁ ୨୦୦ ଟଂକା ।ଏ ଆଦାୟ କରିଛନ୍ତି । ଯିଏ ଟଂକା ଦେବାକୁ ଅମଂଗ ହୁଏ,ତାକୁଂ ବିଭିନ୍ନ ଆଳରେ ରେଜିଷ୍ଟ୍ରେସନ କରି ବିଳମ୍ବ କରାଇ ବିଭିନ୍ନ ଆଳରେ ହଇରାଣ କରିବା ଫଳରେ ଆବେଦନକାରୀମାନେ ଏଥପାଇଁ ଟଂକା ଦେବାକୁ ବାଧ ହୋଇଛନ୍ତି । କିନ୍ତୁ ଗତକାଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି ,ଯେଉଁ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ମାନେ ଏଥିପାଇଁ ଟଙ୍କା ଦାବି କରିଛନ୍ତି ,ସେମାନଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରନ୍ତୁ । ଏହାପରେ ବିଜେପି କର୍ମୀ ମାନେ ଅର୍ଥ କାରବାର କରିଥିବା ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ଗୁଡିକକୁ ଲୋକଲୋଚନକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି, ୧୨/୦୯ (ନି.ପ୍ର):ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ରୂପା ରୋଶନ ସାହୁ ମାଲକାନଗିରି ଜିଲ୍ଲା ଗସ୍ତ କରି ଲଗାଣ ବର୍ଷା ପରବର୍ତ୍ତୀ ସ୍ଥିତି ସମୀକ୍ଷା କରିଛନ୍ତି। ଆଜି ପୂର୍ବାହ୍ନରେ ଶ୍ରୀମତି ସାହୁ ଏମ୍ ଭି ୭ ଓ ଏମ୍ ଭି ୧୯ ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରରେ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ବିଭିନ୍ନ ପନିପରିବା ଚାରା ରୋପଣ କରି ପୋଷଣ ବାଟିକା ତିଆରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିଶୁଙ୍କ ମଧ୍ୟରେ କିଛି ବ୍ୟବହାରିକ ପରିବର୍ତ୍ତନ ଘଟୁଛି ନ ନାହିଁ ସେହି ବିଷୟରେ ମଧ ପଚାରି ବୁଝିଥିଲେ। ସେହିପରି ସେ ଏମ୍ ଭି -୧୯ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାରେ ଆଲୋଚନା କରିଛନ୍ତି। ଏମ୍ ଭି-୭ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀ ଗୃହ ବୁଲିଥିଲେ ଓ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି। ଏମ୍ ଭି - ୧୯ ରେ ଏକ ଜନ ସେବା କେନ୍ଦ୍ର ପରିଦର୍ଶନ କରି ସୁଭଦ୍ରା ଫର୍ମ ପୂରଣ ଠିକ୍ ଭାବରେ ଚାଲିଛି ନା ନାହିଁ ଅବଗତ ହୋଇଥିଲେ ଓ ସେଠାରେ ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଶ୍ରୀମତୀ ସାହୁ ପୋଟେରୁ ଅଂଚଳ ଗସ୍ତ କରି ଲଗାଣ ବର୍ଷା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ ।ଲଗାଣ ବର୍ଷା ପରବର୍ତ୍ତୀ ସ୍ଥିତିରେ ଜନଜୀବନ କିଭଳି ସ୍ୱାଭାବିକ ହୋଇପାରିବ ସେଥି ନିମନ୍ତେ ତ୍ୱରିତ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶେଷରେ ଗୋରାଖୁଣ୍ଟା ଗ୍ରାମ ପଂଚାୟତ ଅନ୍ତର୍ଗତ କୃଷ୍ଣୱାଡା ଆଦିବାସୀ ଗ୍ରାମ ଗସ୍ତ କରି ମାଆ ମାନଙ୍କ ସହ ମମତା ଓ ସୁଭଦ୍ରା ଯୋଜନା ଭଳି ସରକାରଙ୍କ ବିଭିନ୍ନ ଜନ ହିତାଧିକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଗସ୍ତରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ, ଉପ ଜିଲ୍ଲାପାଳ, ଦୁର୍ଯ୍ୟଧନ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ, ବିଶ୍ୱନାଥ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ତେରେସ୍କଭା ମଲ୍ଲିକ, ସଦର ବିଡ଼ିଓ, ପ୍ରଭାତୀ ଝୋଡ଼ିଆ, ତହସିଲଦାର, ଲଳିତ ବାଘ ଓ ଏବିଇଓ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଶ୍ରୀମତୀ ସାହୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ରିଲିଫ୍ କୋଡ୍ ଅନୁଯାୟୀ କିଭଳି ସହାୟତା ମିଳିବ ସେଥି ନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଗ୍ରାମାଂଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ସ୍ୱାସ୍ଥ୍ୟ, ଯୋଗାଣ ଓ ଜିଲ୍ଲା ମଙ୍ଗଳ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୋମନାଥ ପ୍ରଧାନ ଉପସ୍ଥିତ ଥିଲେ।

# ଅଧିକ ପୃଷ୍ଟିଯୁକ୍ତ ଫସଲର ଉପକାରିତା ସଂପର୍କରେ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର, ୧୨/୦୯ (ନି.ପ୍ର):ଆଜି ବୋରିଗୁମ୍ମା ବ୍ଲକର ମିଶାନ୍ ଶକ୍ତି ସଭା ଗୃହ ରେ ଜୀବ ବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ପକ୍ଷାରୁ ବାୟୋଫର୍ଟିଫିଡ କନ୍ଦ ଫସଲ ର ଲାଭ ସଂପର୍କ ରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ସଂସ୍ଥାନ, ତ୍ରିଭେନ୍ଦ୍ରମ୍ ର ନିର୍ଦ୍ଦେଶକ ଡକ୍ଟର ଜି ବାଇଜୁ ଯୋଗ ଦେଇ ପୃଷ୍ଟିକର କିସମ୍ କନ୍ଦ ଫସଲ ଚାଷ ଦ୍ୱାରା ଓଡ଼ିଶାରେ ରକ୍ତହୀନତା, ଦୃଷ୍ଟିଶକ୍ତି ଓ କୁପୋଷଣ ରୋକା ଯାଇ ପାରିବ ବୋଲି କହିଥିଲେ। ସଂପ୍ରତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବଳରେ ଫସଲ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି ,ବର୍ତମାନ ସମୟରେ କୁପୋଷଣ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି, ଚାଷୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିଲେ ଦେଶରୁ କୁପୋଷଣ ବିରୁଦ୍ଧରେ ବିଜୟ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଜୀବ ବିଜ୍ଞାନ ସଂସ୍ଥାନର ବୈଜ୍ଞାନିକ ଡକ୍ଟର ରାଜୀବ କୁମାର ସ୍ୱାଇଁ ଉପସ୍ଥିତ ରହି ଡି ବି ଟୀ ବାୟୋ ଟେକ୍ କିସାନ କାର୍ଯ୍ୟକ୍ରମ ମାଧ୍ୟମରେ ବାୟୋଫର୍ଟିଫେଡ ଧାନ, ମକା ଓ କନ୍ଦ ଫସଲ ଚାଷ କୋରାପୁଟ ଓ ନବ ରଂଗ ପୁର୍ ଜିଲରେ ରେ ଚାଷ କରାଯାଉଛି ଏହା ଦ୍ୱାରା ପୃଷ୍ଟିଯୁକ୍ତ ଖାଦ୍ୟ ପ୍ରସ୍ତୁତ ରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଓର୍ମାସ ର ଉପ କାର୍ଯ୍ୟନିର୍ବାହୀ ରୋଶନ କାର୍ତିକ ଯୋଗ ଦେଇ ବଜାର ଭିତିକ ଚାଷ କରିପାରିଲେ ନିଷ୍ଚିତଭାବେ ଚାଷୀ ମାନଙ୍କ ଲାଭ ହୋଇପାରିବ ବୋଲି କହିଥିଲେ । ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ବିଜୟ ମହନ୍ତ୍ ଉପସ୍ଥିତ ରହି ଉଦ୍ୟାନ କୃଷି ମାଧ୍ୟମ ରେ ଅଧିକ ଲୋକଙ୍କୁ ମାମିଲ କରିବା ସହ ବିଜ୍ଞାନ ଓ ରସାୟନ ବିଜ୍ଞାନ ର ବ୍ୟାବାହର କରିପାରିଲେ ଅଧିକ ଲାଭ ମିଳିପାରିବ ବୋଲି କହିଥିଲେ । ବିଜ୍ଞାନ ସଂଚକ୍ଷରକ୍ ଲକ୍ଷ୍ମୀ ନାରାୟଣ ବକ୍ସି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ତାଲିମ୍ କର୍କ୍ରକ୍ରମ୍ ରେ ବ୍ଲକ୍ ଜୀବିକା କୋଡ଼ିନେଟର ଦେବେନ୍ଦ୍ର କୁମର ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ଜୀବ ବିଜ୍ଞାନ ସଂସ୍ଥାନ ବୈଷୟିକ ଅଧିକାରୀ ଅମିତାଭ ରାଉତରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। କୋଟପାଡ଼ ଓ ବୋରିଗୁମ୍ମା ବ୍ଲକର ୫୦ ଜଣ ଚାଷୀ ଓ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ ।

# ଆଧାର ସଂଯୋଗ ପାଇଁ ଲୋକେ ହନ୍ତସନ୍ତ ଡାକଘର ସମ୍ମୁଖରେ ଅଧରାତିରୁ ଭିଡ଼

ଚମ୍ପୁଆ, ୧୨/୦୯ (ନି.ପ୍ର): ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତି ଓ ସ୍ୱାବଲମ୍ବୀ କରିବା ନିମନ୍ତେ ପ୍ରଣୟନ କରିଥିବା ସୁଭଦ୍ରା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାକୁ ସ୍ୱଚ୍ଛ କରିବା ଉଦେଶ୍ୟରେ ରାସନ କାର୍ଡରେ ରହିଥିବା ଖାଉଟି ସଦସ୍ୟଙ୍କ ଫିଙ୍ଗର ପ୍ରିଣ୍ଟ ନେବା, ଆଧାର ସଂଯୋଗ ତଥା ଇ.କେ.ୱାଇ.ସି କରିବାକୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ରେସନ କାର୍ଡ ଇ.କେ.ୱାଇ.ସି କରିବା ବେଳେ ଶିଶୁ, ନାବାଳକ, ନାବାଳିକା ମାନଙ୍କ ଫିଙ୍ଗର ପ୍ରିଣ୍ଟ ସଂଯୋଗ ହେଉ ନ ଥିବାବେଳେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ରାସନ କାର୍ଡରୁ ପିଲାଙ୍କ ନାମ କଟିଯିବା ଭୟରେ ଆଧାର କାର୍ଡ ସଂଯୋଗ ପାଇଁ କେନ୍ଦ୍ର ମାନଙ୍କରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ି ବାନ୍ଧି ଛିଡ଼ା ହେବାର ଦୃଶ୍ୟ ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ସଦର ମହକୁମା ଉପ ଡାକଘରେ ପିଲାଙ୍କ ଆଧାର ଅପଡେଟ ତଥା ଆଧାର ନାମ ସହିତ ମୋବାଇଲ ନମ୍ବରକୁ ସଂଯୋଗ କରିବା ପାଇଁ ଆଜି ଲୋକମାନେ ଅଧ ରାତିରୁ ଚମ୍ପୁଆ ଉପ ଡାକଘର ସମ୍ମୁଖରେ ଧାଡି ବାନ୍ଧି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ଧାଡ଼ିରେ ଛୋଟ ଛୋଟ ପିଲା ଓ ବୃଦ୍ଧ ବୃଦ୍ଧା ମଧ ରହିଥିବା ଦେଖିବାକୁ ମିଳିଛି ।ଲୋକେ କାମଧନ୍ଦା ଛାଡି ଆଧାର ସଂଯୋଗ କରିବାକୁ ଧାଡ଼ି ଲଗାଇଥିବା ବେଳେ ଛୋଟ ଛୋଟ ପିଲା ମାନେ ସ୍କୁଲ ବନ୍ଦ କରି ଧାଡ଼ି ଲଗାଇବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ଧାଡ଼ିରେ ରହିବା ପାଇଁ ଲୋକେ ଅଧରାତିରୁ ଛୁଆପିଲା ଧରି ଡ଼ାକ ଘର ସମ୍ମୁଖରେ ଭିଡ ଜମାଉଥିବା ବେଳେ ଅନ୍ୟ ପଟେ ଠିକ୍ ସମୟରେ ସୁଭଦ୍ରା ଓ ଖାଦ୍ୟ ସୁରକ୍ଷା ଯୋଜନାର ପୋର୍ଟାଲ ଖୋଲୁ ନ ଥିବା ତଥା ବହୁ ସମୟରେ ଲିଙ୍କ ଫେଲ ରହୁଥିବା ଯୋଗୁଁ ବିଭିନ୍ନ ଜନସେବା କେନ୍ଦ୍ର ଓ ପିଡିଏସ ସେଣ୍ଟରରେ ମଧ ଲୋକ ଧାଡ଼ି ବାନ୍ଧି ଘଣ୍ଟା ଘଣ୍ଟା ଛିଡ଼ା ହେବାର ଦୃଶ୍ୟ ଦେଖିବାକୁ ମିଳିଛି। ଆଧାର ସଂଯୋଗ ପାଇଁ ରହୁଥିବା ଅବ୍ୟବସ୍ଥା ଯୋଗୁଁ ଗୋଟିଏ ଦିନରେ ସ୍ୱଳ୍ପ ସଂଖ୍ୟାରେ ଲୋକଙ୍କ ଆଧାର ସଂଯୋଗ ହୋଇପାରୁଥିବା ବେଳେ ଜଣେ ଲୋକ ତିନି ଚାରି ଦିନ ଧରି ଧାଡିରେ ଛିଡା ନ ହେଲେ ଆଧାର ସଂଯୋଗ କରି ପାରୁ ନ ଥିବାରୁ ଦିନକୁଦିନ ଏହି ସମସ୍ୟା ବଢିବାରେ ଲାଗିଛି। ଏଣୁ ଡ଼ାକ ଘର ସମ୍ମୁଖରେ ଲୋକଙ୍କ ଭିଡ଼ ଯେତିକି ବଢୁଛି ଲୋକଙ୍କ ମଧ୍ୟରେ ଅସନ୍ତୋଷ ସେତିକି ବୃଦ୍ଧି ପାଇବାରେ ଲାଗିଛି।

# ଜିଲ୍ଲାରେ ସୁଭଦ୍ରା ଯୋଜନା ନେଇ ହିତାଧିକାରୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ

ମାଲକାନାଗିରି, ୧୨/୦୯ (ନି.ପ୍ର): ଜିଲ୍ଲା ରେ ସୁଭଦ୍ରା ଯୋଜନା ନେଇ ହିତାଧିକାରୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ଜିଲ୍ଲା ର ସମସ୍ତ ମୋ ସେବା କେନ୍ଦ୍ର ଏବଂ ଜନ ସେବା କେନ୍ଦ୍ରରେ ସୁରୁଖୁରୁ ରେ ବହୁ ସଂଖ୍ୟାରେ ପଞ୍ଜିକରଣ କାର୍ଯ୍ୟ ଚାଲୁଅଛି। ଏଥି ନିମନ୍ତେ ଜିଲ୍ଲାରେ ୨୯ ହଜାର ୯୩୬ ଜଣ ମୋ ସେବା କେନ୍ଦ୍ରରେ ପଞ୍ଜିକରଣ କରିଛନ୍ତି। ଆଜି ସୁଦ୍ଧା ଚିତ୍ରକୋଣ୍ଡାରେ ୨୨୧୧, କାଲିମେଳାରେ ୯୧୮୮, ଖଇରପୁଟରେ ୨୧୬୭, କୋରକୁଣ୍ଡାରେ ୫୧୦୬, ମାଲକାନଗିରିରେ ୫୨୫୩, ମାଥିଲିରେ ୨୭୧୧ ଓ ପଡ଼ିଆରେ ୨୦୫୦ ସର୍ବମୋଟ ଜିଲ୍ଲାର ସାତଟି ବ୍ଲକରେ ୨୮ ହଜାର ୬୮୬ ଜଣ ଫର୍ମ ପଞ୍ଜିକରଣ କରିଛନ୍ତି। ସେହିପରି ବାଲିମେଳା ବିଜ୍ଞାପିତ ଅଂଚଳରେ ୧୩୭ ଜଣ ଓ ମାଲକାନଗିରି ପୌର ପରିଷଦରେ ୧୧୧୩ ଅର୍ଥାତ୍ ୧୨୫୦ ଜଣ ପଞ୍ଜିକରଣ କରିଛନ୍ତି। ସୂଚନା ଥାଉ କି ଜିଲ୍ଲାରେ ୩୦୦ ଟି କୋମନ୍ ସର୍ଭିସ୍ ସେଂଟର୍ ରହିଥିବା ବେଳେ ୧୩୧ ଟି ମୋ ସେବା କେନ୍ଦ୍ର ରହିଛି। ଆବେଦନ ନିମନ୍ତେ ଅନ୍ତିମ ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ। ଏଣୁ ଆବେଦନକାରୀ ଯେ କୌଣସି ସମୟରେ ନିକଟସ୍ଥ ସେବା କେନ୍ଦ୍ରରେ ଆବେଦନ କରି ପାରିବେ। ୨୧ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ ହୋଇଥିବା ମହିଳା ଏହି ଯୋଜନାରେ ଆବେଦନ କରି ପାରିବେ। ଆବେଦନ ଫର୍ମ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ବିନା ମୂଲ୍ୟରେ ସେବା କେନ୍ଦ୍ରରେ ଫର୍ମ ପୂରଣ ଓ ପଞ୍ଜିକରଣ କରାଯାଉଛି।

## ପୁର୍ବତନ ୱାର୍ଡ଼ ସଭ୍ୟଙ୍କ ପରଲୋକ

କୋରେଇ, ୧୨/୦୯ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଅବିଭକ୍ତ ପାଣିକୋଇଲି ପଂଚୟତର ପୁର୍ବତନ ୱାର୍ଡ଼ ସଭ୍ୟ ଶଙ୍କର୍ଷଣ ନାୟକଙ୍କ (୮୭)ର ବୁଧବାର ଦିନ ରାତିରେ ପରଲୋକ ଘଟିଛି । ସ୍ୱର୍ଗତ ନାୟକ ମସ୍ତିଷ୍କ ରକ୍ତଚାପ ଜନିତ ରୋଗରେ ପିଡ଼ୀତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଥିଲା। ସ୍ଥାନୀୟ ଅଂଚଳରେ ଜଣେ ସରଳ ଓ ଅମାୟିକ ତଥା ଧର୍ମ ପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ସ୍ୱର୍ଗତ ନାୟକଙ୍କର ମୃତ ଶରୀରକୁ ପାଣିକେଇଲରେ ପହଂଚିବା ପରେ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ମଶାଣୀରେ ତାଙ୍କର ଶେଷ କୃତ୍ୟ ସମ୍ପାଦନ କରାଯାଇଥଲା। ବଡ଼ପୁଅ ସଂଜୟ ମୁଖାଗ୍ନୀ ଦେଇଥିବା ବେଳେ ସାନପୁଅ ସିଟ କମ୍ପ୍ୟୁଟର ଏକାଡ଼େମୀର ଅଧ୍ୟକ୍ଷ ତଥା ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲାର ସକ୍ରିୟ ସଦସ୍ୟ ସନ୍ଦୀପ ଓ ସମସ୍ତ ବନ୍ଧୁ ପରିଜନ ଏବଂ ଗ୍ରାମାବସୀ ମାନେ ଉପସ୍ଥିତ ଥଲେ ।

# ମିଶନ ସବୁଜ କୋରେଇ: ଅମୃତିଆ ପଂଚାୟତରେ ଚାରା ବଂଟନ

କୋରେଇ, ୧୨/୦୯ (ନି.ପ୍ର): ପରିବେଶ ଓ ପ୍ରକୃତିକୁ ଭଲ ପାଉଥିବା ମଣିଷ ଭାବେ ପରିଚିତ କୋରେଇର ବିଧାୟକ ଆକାଶ ଦାସନାୟକ ସାଧାରଣ ନିର୍ବାଚନରେ ଜିତି ବିଧାୟକ ହେବା ପରେ ମଧ୍ୟ କୋରାଇକୁ ସୁବଜ ସୁନ୍ଦର ଭାବେ ଗଢି ତୋଳିବା ଲାଗି ନିଜର ଉଦ୍ୟମ ପୂର୍ବ ଭଳି ଜାରି ରଖିଛନ୍ତି। ଉକ୍ତ ସାମାଜିକ କାର୍ଯ୍ୟରେ ନିଜକୁ ଯୋଡ଼ିଛନ୍ତି କୋରେଇ ନିର୍ବାଚନ ମଣ୍ଡଳୀର ଜନସାଧାରଣ । ବିଧାୟକଙ୍କ ପରାମର୍ଶ କ୍ରମେ ବୁଧବାର କୋରାଇ ନିର୍ବାଚନ ମଣ୍ଡଳୀର ଅମୃତିଆ ପଂଚାୟତରେ ଚାରା ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି । ପଂଚୟତରେ ଏକ ହଜାରରୁ ଉର୍ଦ୍ଧ ଚାରା ବଂଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ କୁମାର ଧଳ, ଅମୃତିଆ ପଂଚାୟତର ଗଛ ମଣିଷ ଭାବେ ପରିଚିତ ନବ କିଶୋର କବି, ସମିତି ସଭ୍ୟା ମୀନତୀ ସେଠୀ, ଯୁବ ସାମ୍ବାଦିକ ହରେକୃଷ୍ଣ ପଣ୍ଡା, ନାରୀ ନେତ୍ରୀ ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ବିଜେପି ପଂଚୟତ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ,ବସନ୍ତ ପରିଡ଼ା, ଜ୍ୟୋତି ରଂଜନ ସ୍ୱାଇଁ, ରମାକାନ୍ତ ଦାସ,ବସନ୍ତ ପତ୍ରୀ, ସୁବଳ ସେନାପତି, ବାଇଧର ମଲିକ, ଅରୁଣ ମହାପାତ୍ର, ହିମାଂଶୁ ମହାପାତ୍ର, ଦୀନବନ୍ଧୁ ମଲିକ, ଉମାକାନ୍ତ ମଲିକ, ଉଦୟ ମଲିକ ପ୍ରମଖ ଉପସ୍ଥିତ ଥିବା ବେଭେ ପଂଚାୟତରେ ଏକ ହଜାର ଚାରା ବଂଟନ କରାଯାଇଥିଲ।

## ସହରାଂଚଳ ଚାଷୀଙ୍କୁ ପିଏମ କିଷାନ ଯୋଜନାରେ ସାମିଲ ପାଇଁ ଦାବି

ଭୁବନ, ୧୨/୦୯ (ନି.ପ୍ର): ଭୁବନ କୃଷକ ସମାଜ ତରଫରୁ ସହରାଂଚଳ କୃଷକ ମାନଙ୍କୁ ପି ଏମ କିଷାନ ଯୋଜନାରେ ସାମିଲ କରାଯିବାକୁ ଦାବି ହୋଇଛି । ୧୯୯୮ ମସିହାରୁ କୃଷି ଓ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିବା ଭୁବନ କୃଷକ ସମାଜ ସଭାପତି ବାସୁଦେବ ଗୁରୁ,ସମ୍ପାଦକ ସୁଶାନ୍ତ ଗୁରୁ ଙ୍କ ନେତୃତ୍ୱରେ ଭାରତୀୟ କିଶାନ ସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ଭାଇ ଙ୍କ ସହଯୋଗରେ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କୁ ଭେଟି ସହରାଂଚଳ ଚାଷୀ ଙ୍କୁ ପି ଏମ କିଷାନ ଯୋଜନାରେ ସାମିଲ କରିବାକୁ ନିବେଦନ କରିଛନ୍ତି। ପୂର୍ବ ସରକାର ଙ୍କ ଭୁଲ ନୀତି ଯୋଗୁ ସମସ୍ତ ସହରାଂଚଳ କୃଷକ ମାନେ କାଳିଆ ଯୋଜନାରୁ ବଂଚିତ ହୋଇଥିବା ଦର୍ଶାଇଥିଲେ ।

# ମଶାଣି ଜମି ଚିହ୍ନଟ ଓ ଶବଦାହ ଗୃହ ନିର୍ମାଣ ପାଇଁ ଉପଜିଲ୍ଲାପାଳ ଓ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ , ୧୨/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡର ସଦର ବାଲିଗୁଡା ଏନଏସି ଅନ୍ତର୍ଗତ ସର୍ବ ପୁରାତନ ଜନବହୁଳ ଅଂଚଳ ୫,୬,୭ ନମ୍ବର ୱାର୍ଡରେ ମଶାଣି ଜମି ଚିହ୍ନଟ ଓ ଶବ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଅଭିଯୋଗ ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନଥିଲା । ମଶାଣୀ ଜମି ଚିହ୍ନଟ ଓ ଶବଦାହ ଗୃହ ପାଚେରୀ ନିର୍ମାଣ ଓ ଆଲୋକ ପାଣି ବ୍ୟବସ୍ଥା ପାଇଁ ଆଜି କନ୍ଧମାଳ ଜିଲ୍ଲା ନାଗରିକ ଫୋରମ୍ ପକ୍ଷରୁ ବାଲିଗୁଡ଼ା ବ୍ଲକ୍ କୋଡ଼ି ନେଟର ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ବାଲିଗୁଡ଼ା ଉପ ଜିଲାପାଳ ରିନା କୁମାରୀ ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇଙ୍କୁ ଦାବି ପତ୍ର ଦେଇଥିଲେ । ଉପ ଜିଲାପାଳ ରୀନା ପ୍ରଧାନଙ୍କ ଫୁଲବାଣୀ ଗ୍ରସ୍ତ କାର୍ଯକ୍ରମ ଥିବାରୁ ଆସିଷ୍ଟାଣ୍ଟ କଲେକ୍ଟର ରୂପକ କୁଜୁରୁଙ୍କୁ ଦାବୀ ପତ୍ର ଦିଆଯାଇଛି । ସୂଚନାଯୋଗ୍ୟ ଯେ କିଛି ବର୍ଷ ହେବ ଜମି ମାଫିଆ ଙ୍କର ଲୋଲୁପ ଦୃଷ୍ଟି ଯୋଗୁଁ ଧିରେ ଧିରେ ମଶାଣି ଭାବେ ବ୍ୟବହାର କରୁଥିବା ଜମି ସଙ୍କୁଚିତ ହେବାକୁ ବସିଲାଣି । ଜମି ମାଫିଆ ମାନେ ସ୍ମଶାନ ଜମି କୁ ମଧ ଅକ୍ତିଆର କରି ବିକ୍ରିକରି ଦେବାକୁ ଭୟ କରୁନାହାନ୍ତି। ତିନି ୱାର୍ଡ ବାସିନ୍ଦା ମଶାଣି ଭାବେ ବ୍ୟବହାର କରୁଥିବା ଜମି ଚିହ୍ନଟ ପ୍ରକ୍ରିୟା ପ୍ରଶାସନ ପକ୍ଷରୁ ଅହେତୁକ ବିଳମ୍ବ ଯୋଗୁଁ ମାଫିଆ ମାନେ ସରକାରୀ ଗୁଡିକ ବିକ୍ରି କରି ମାଲେମାଲ ହେଉଥିବା ନଜିର ରହିଛି। ମଶାଣିରେ ଶବ ଗୃହ ଆଲୋକ ପାଣି ବ୍ୟବସ୍ଥା ନଥିବାରୁ ତିନି ପ୍ରମୁଖ ୱାର୍ଡବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ଷା ଦିନ ମଶାଣିରେ ଶବରେ ଲାଗିଥିବା ଜୁଇ ମଧ ଲିଭି ଯାଇଥିବା ଅଭିଯୋଗ ହେଉଛି । ପରିତାପର ବିଷୟ ଯେ ଏନ୍ଏସି ଗଠନର ଦୁଇ ଯୋଜନା ଅଧକ୍ଷ ଭାବେ ଏବେ ଉପାଧକ୍ଷ ଭାବେ ନୂଆସାହିରୁ ପ୍ରତିନିଧିତ୍ୱ କରିଛନ୍ତି କିନ୍ତୁ ଆନ୍ତରିକତା ଓ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନାହିଁ । ପାଂଚ ବର୍ଷ ତଳେ ୧୪୭ ବାଟାଲିୟନରେ କାର୍ଯ୍ୟରତ ବିଏସଏଫ୍ ଯବାନ ସହୀଦ ଦିନେଶ ପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳେ ତତ୍କାଳୀନ ଉପ ଜିଲ୍ଲାପାଳ ଏବଂ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗଦେଇ ମଶାଣି ଜମି ଚିହ୍ନଟ, ଶବ ଗୃହ, ଆଲୋକ ପାଣି ବ୍ୟବସ୍ଥା, ପାଚେରୀ ନିର୍ମାଣ କରିବାକୁ ନିର୍ଭର ଯୋଗ୍ୟ ପ୍ରତିଶୃତି ଦେଇଥିଲେ କିନ୍ତୁ ମାନ୍ୟବର ବିଧାୟକ ଅଦ୍ୟାବଧି ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି ଫଳରେ ଲୋକେ ହିନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି । ଆଲୋକ ବ୍ୟବସ୍ଥା ନ ଥିବାରୁ ଏପରି କି ଟର୍ଚ୍ଚ ଆଲୋକରେ ଶବ ଦାହ ହେଉଥିବା ଦେଖିବାକୁ ମିଳିଛି । ତିନି ୱାର୍ଡବାସୀ ବାରମ୍ବାର ପୂର୍ବ ସରକାରଙ୍କ ପ୍ରଶାସନ ବିଧାୟକଙ୍କୁ ଅବଗତ କରିଥିଲେ ସୁଦ୍ଧା ଫଳ ଶୂନ । ଲୋକଙ୍କ ସରକାର ମୋହନ ସରକାରଙ୍କ ପ୍ରତି ଲୋକଙ୍କ ଅସ୍ଥା ଓ ବିଶ୍ୱାସ ବଢୁଛି । ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ନାଗରିକ ଫୋରମ୍ ଓ ଗ୍ରାମବାସୀ ଦାବୀ କରିଛନ୍ତି ।

# ଦହି ନିୟନ୍ତ୍ରଣ କରିବ ରକ୍ତ ଶର୍କରା



ଦହିରେ ରହିଛି ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟର ଅନେକ ରହସ୍ୟ ଯାହା ଆପଣ ହୁଏତ ଜାଣି ନଥିବେ। ତେଣୁ ଦହିକୁ ନିୟମିତ ଖାଦ୍ୟ ସହ ସାମିଲ କରିବା ପରିବର୍ତ୍ତେ ଆମେ ଏହାକୁ କେଶ ଓ ତ୍ୱଚାରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉପଯୋଗ କରିଥାଉ। ତେବେ ଦହି ଖାଇବାର ପ୍ରମୁଖ ଫାଇଦା ବିଷୟରେ ଆସନ୍ତୁ ଜାଣିବା।

ଡାଇବେଟିସ ରୋଗୀଙ୍କ ପାଇଁ ଦହି ବେଶୀ ଲାଭଦାୟକ ହୋଇଥାଏ। ଏକ ଗବେଷଣାରୁ ଏହି କଥା ସ୍ପଷ୍ଟ ହୋଛି। ଗବେଷଣାରୁ ଜଣାପଡ଼ିଛି ଠିକ ପରିମାଣରେ ଦହି ଖାଇବା ଦ୍ୱାରା ଟାଇପ-୨ ଡାଇବେଟିସ ଆଶଙ୍କା ହ୍ରାସ ପାଇଥାଏ। ଡାଇବେଟିସ ରୋଗୀଙ୍କୁ ଖାଦ୍ୟପେୟ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ପଡ଼ିଥାଏ। କିଛି ଏପରି ଖାଦ୍ୟ ରହିଛି ଯାହାଠାରୁ ଏହି ଧରଣ ରୋଗୀ ଦୂରେଇ ରାହିବା ଆବଶ୍ୟକ ହୋଇଥାଏ। ସେହିପରି ଅନ୍ୟ କିଛି ଖାଦ୍ୟ ରହିଛି ଯାହା ସେବନ କଲେ ବ୍ଲଡ଼ ସୁଗାର ନିୟନ୍ତ୍ରଣରେ ରହିଥାଏ। ଏହିପରି ଏକ ଖାଦ୍ୟ ହେଉଛି ଦହି ଯାହା ନିୟମିତ ଖାଇବା ଦ୍ୱାରା ଏହି ପ୍ରକାର ରୋଗୀଙ୍କୁ ବହୁ ଫାଇଦା ମିଳିଥାଏ। ବିଶେଷକରି ବିନା ଲୁଣବାଲା କ୍ଷୀରରେ ପ୍ରସ୍ତୁତ ଦହି ଏହି ରୋଗୀଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଥାଏ। ନିୟମିତ ଦହି ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ ଉପରେ ନିୟନ୍ତ୍ରଣ ରହିଥାଏ।

ପ୍ରୋବାୟୋଟିକ ଦହି (ସାଧାରଣ ଦହି ତୁଳନାରେ ଏହି ଦହିରେ ବ୍ୟାକ୍ଟେରିଆ ସଂଖ୍ୟା ଅଧିକ ହୋଇଥାଏ) ଶରୀରରେ ଲିପିଡ଼(ଏକ ପ୍ରକାର ଚର୍ବି) ମାତ୍ରା କମ କରିବାରେ ସହାୟକ ହୋଥାଏ। ଏହି ଲିପିକ ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ହୃଦରୋଗର ସମ୍ଭାବନା ସୃଷ୍ଟି କରିଥାଏ।

୩୦ରୁ ୬୦ ବର୍ଷ ବୟସ ମାଧମରେ ଆସୁଥିବା ୫୫ଜଣ ଟାଇପ-୨ ଡାଇବେଟିସ ରୋଗୀଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା ଯେଉଁମାନଙ୍କର ଏଲଡିଏଲ କୋଲେଷ୍ଟ୍ରଲ ବଢ଼ି ଯାଇଥିଲା। ଏହି ରୋଗୀଙ୍କୁ ଦୁଇ ଗ୍ରୁପରେ ବିଭକ୍ତ କରାଯାଇଥିଲା। ଏକ ଗ୍ରୁପକୁ ୮ ସପ୍ତାହ ପର୍ଯ୍ୟନ୍ତ ୩୦ଗ୍ରାମ ବ୍ରୋବାୟୋଟିକ ଦହି ଖାଇବାକୁ ଦିଆଗଲା ଓ ଦ୍ୱିତୀୟ ଗ୍ରୁପକୁ ଏହି ସମୟ ପର୍ଯ୍ୟନ୍ତ ସାଧାରଣ ଦହି ଖାଇବାକୁ ଦିଆଗଲା। ଗବେଷଣାରେ ଏହି କଥା ସାମ୍ନାକୁ ଆସିଲା ଯେ ଯେଉଁମାନଙ୍କୁ ପ୍ରୋବାୟୋଟିକ ଦହି ଦିଆଯାଇଥିଲା ସେମାନଙ୍କ ଏଲଡିଏଲ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥିଲା।

# ସ୍ୱପ୍ନରେ ଧନ ଲାଭ ଓ କ୍ଷତି



ସ୍ୱପ୍ନ ସମସ୍ତେ ଦେଖନ୍ତି। ସେଗୁଡ଼ିକ ମଧ୍ୟରୁ କିଛି ସୁଭବିଷ୍ୟତର ସଙ୍କେତ ଦେଇଥିବା ବେଳେ ଆଉ କେତେକ ଭବିଷ୍ୟତରେ ଦେଖାଦେବାକୁ ଥିବା ସମସ୍ୟାର ପ୍ରାକ୍ ସୂଚନା ଦେଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ କିଛି ସ୍ୱପ୍ନ ଧନପ୍ରାପ୍ତିର ସଙ୍କେତ ଦେଉ ଥିବା ବେଳେ ଆଉ କିଛି ଧନବ୍ୟୟରେ ସଙ୍କେତ ଦେଇଥାଏ।

- ସ୍ୱପ୍ନରେ ଯଦି ଦେଖନ୍ତି ଯେ ନିଜ ଉପରେ ମକଦ୍ଦମା ଚାଲୁଛି ଏବଂ ସେଥିରେ ନିର୍ଦ୍ଦୋଷ ପ୍ରମାଣିତ ହେଉଛନ୍ତି ତେବେ ଏହା ପ୍ରବଳ ଧନସମ୍ପତ୍ତି ପ୍ରାପ୍ତ ବୋର ସୂଚନା। ଯଦି କେହି ସ୍ୱପ୍ନରେ ନିଜ ଛାତି କିମ୍ବା ଆଖି କୁଣ୍ଡାଉଥିବାର ଦେଖନ୍ତି ତେବେ ଉତ୍ତରାଧିକାର ସୂତ୍ରର ତଥା ବାହାରୁ ଧନସମ୍ପତ୍ତି ମିଳିବ।

- ଯଦି କେହି ସ୍ୱପ୍ନରେ ମୋତି, ପ୍ରବାଳ, ହାର, ମୁକୁଟ ଦେଖନ୍ତି ତେବେ ତାଙ୍କ ଘରେ ଲକ୍ଷ୍ମୀ ସ୍ଥାୟୀ ଭାବେ ନିବାସ କରିବେ। ଯିଏ ସ୍ୱପ୍ନରେ କୁମ୍ଭାର ହାଣ୍ଡିକୁଣ୍ଡେଇ ନିର୍ମାଣ କରୁଥିବା ଦେଖନ୍ତି ତାଙ୍କୁ ପ୍ରବଳ ଧନପ୍ରାପ୍ତି ହୋଇଥାଏ। ଯିଏ ନିଜକୁ ଲଣ୍ଡା ଅବସ୍ଥାରେ ଦେଖନ୍ତି ସେ ମଧ ଧନ ଲାଭ କରିଥାନ୍ତି।

- ନିଜେ ଅନ୍ତର୍ବସ୍ତ୍ର ପରିଧାନ କରି ସାର୍ଟ ବୋତାମ ଦେଉଥିବାର ଦେଖିଲେ ଧନ ସହ ମାନସମ୍ମାନ ମଧ ଲାଭ କରିବାର ସୁଯୋଗ ଆସେ ସ୍ୱପ୍ନରେ କାହାକୁ ଚେକ ଲେଖି ଦେଉଥିଲେ ଦେଖିଲେ ପାରିବାରିକ ସମ୍ପତ୍ତି ଲାଭ ସହ ବ୍ୟବସାୟରେ ଉନ୍ନତି ହୋଇଥାଏ।

- ସ୍ୱପ୍ନରେ ଦିଆସିଲି ଜଳାଉଥିବାର ଦେଖିଲେ ଆଶା ନଥିବା ସ୍ଥାନରୁ ଧନ ପ୍ରାପ୍ତି ହୋଇଥାଏ। ଯଦି କାହାକୁ ଋଣ ଦେଉଥାନ୍ତି ତେବେ ଅତ୍ୟଧିକ ଧନ ଲାଭର ସମ୍ଭାବନା।

- ଯଦି ବେକରେ ରକା ପଶିଥିବାର ସ୍ୱପ୍ନ ଦେଖନ୍ତି ତାହା ମଧ ଧନପ୍ରାପ୍ତିର ସୂଚନା। ପୁଣି ପାଚିଲା କମଳା କିମ୍ବା କ୍ଷେତରେ ପାଚିଲା ଗହମର ସ୍ୱପ୍ନ ଦେଖିବେ ଏହା ଆଶାତୀତ ସମ୍ପତ୍ତି ହାସଲ କରିବାର ସୂଚନା ଦେଇଥାଏ।

- ଫଳ-ଫୁଲ ଖାଉଥିବାର ସ୍ୱପ୍ନ ଦେଖିଥିବା ମଧ ଧନପ୍ରାପ୍ତିର ସୂଚନା। ସେହିପରି ସ୍ୱପ୍ନରେ ଧୂମପାନ କରିବା କିମ୍ବା





ଡାହାଣ ହାତକୁ ଶ୍ୱେତ ସର୍ପ ଦଂଶନ କରିବା ଦେଖିଲେ ମଧ ଧନ ପ୍ରାପ୍ତିହୁଏ।

- ଯେଉଁ ବ୍ୟକ୍ତି ସ୍ୱପ୍ନରେ ମୁତ୍ର, ବୀର୍ଯ୍ୟ, ବିଷ୍ଠା ତଥା ବାନ୍ତି ପରି କଦର୍ଯ୍ୟ ବସ୍ତୁ ସେବନ କରୁଥିବା ଦେଖନ୍ତି ଏହା ତାଙ୍କୁ ମହାଧନୀ ହେବାର ପ୍ରାକ୍ ସୂଚନା ବୋଲି ଜାଣିବେ। ପ୍ରେମିକା ସହ ସମ୍ପର୍କ ଛିନ୍ନ କରୁଥିବାର ସ୍ୱପ୍ନ ଦେଖିଥିଲେ ପୈତୃକ ସମ୍ପତ୍ତି ମିଳେ।

- ସ୍ୱପ୍ନରେ ଓଟ, ଡାଳିମ୍ବ ଦେଖିଲେ ଅପାର ଧନ ମିଳିଥାଏ। ଗୁପ୍ତଧନ ବା ପୋତା ଧନର ସ୍ୱପ୍ନ ନିଜ ଧନସମ୍ପତ୍ତି ବୃଦ୍ଧିର ସୂଚକ।

ଅପେକ୍ଷାରେ...

- ନିଜକୁ ଦେବାଳିଆ ଘୋଷିତ କରୁଥିବା ସ୍ୱପ୍ନ ଦେଖିବା ଖୁବ ଶୀଘ୍ର ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାର ସୂଚନା। କୌଣସି ସହର ଉପରେ ବିମାନରେ ବୋମାମାଡ଼ ହେଉଥିବା ସ୍ୱପ୍ନ ଦେଖିଲେ ସମସ୍ତ ଧନ ନଷ୍ଟ ହୋଇଯିବ ବୋଲି ଜାଣନ୍ତୁ।

- ଖାଲି ଶଗଡ଼ର ସ୍ୱପ୍ନ ଦେଖିଲେ ଆର୍ଥିକ କ୍ଷତି ସହିବାକୁ ପଡ଼େ। ପୁଣି ନିଜ ଘରର ଆସବାବପତ୍ର ଓ ଝରକା ଭାଙ୍ଗୁଥିବାର ଦେଖିଲେ ସେ ଭିକାରୀ ପାଲଟିଯାଇପାରନ୍ତି।

- ଯଦି ସ୍ୱପ୍ନରେ କେଉଁଆଡ଼େ ଯାଇଛନ୍ତି ଏବଂ ଅନ୍ଧାର ହୋଇଯାଇଛି ତେବେ ଏହା ଗଭୀର ଆର୍ଥିକ ସଂକଟର ସୂଚନା। ଯଦି ବ୍ୟବସାୟୀ ହୋଇଥାନ୍ତି ତେବେ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

- ଯେଉଁ ବ୍ୟକ୍ତି ସୁନା ପାଉଥିବାର କିମ୍ବା ଖବରକାଗଜରେ କେହି ସମ୍ପର୍କୀୟଙ୍କ ବାବଦରେ ଖବର ପଢୁଥିବା ସ୍ୱପ୍ନ ଦେଖନ୍ତି ତାଙ୍କ ଧନସମ୍ପତ୍ତିରେ କ୍ଷତି ଘଟେ।

- ସ୍ୱପ୍ନରେ ପେଟା ଦେଖିବା ଧନ କ୍ଷୟ ହେବା ତଥା ଅନ୍ୟପ୍ରକାର କଷ୍ଟର ସୂଚନା। ଯଦି କେହି ବ୍ୟବସାୟୀ ନିଜକୁ ଗାତରେ ପଡ଼ିବା ଦେଖନ୍ତି ତେବେ ତାଙ୍କ ବ୍ୟବସାୟରେ ବଡ଼ କ୍ଷତି ହୋଇଥାଏ।

- ଯଦି କେହି ଧନୀ ହୋଇଥିଲେ ମଧ ସ୍ୱପ୍ନରେ ପକ୍ଷୀ କାନ୍ଦୁଥିବାର ଦେଖନ୍ତି ତେବେ ସେ ଖୁବଶୀଘ୍ର ଧନହୀନ ହୋଇଯାଆନ୍ତି। ତାଙ୍କ ସମସ୍ତ ଧନସମ୍ପତ୍ତି ଓ ମାନସମ୍ମାନ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ।

# ତ୍ରିଫଳା ଶରୀର ପାଇଁ ମହୌଷଧି

ଆମେ ଯଦି ବିଭିନ୍ନ ରୋଗର ଆୟୁର୍ବେଦିକ ଉପଚାର କରିବା ତେବେ ରୋଗ, ମୂଳରୁ ନିପାତ ହୋଇଥାଏ। ଏହାସହ ଆୟୁର୍ବେଦିକ ଉପଚାରର କୌଣସି ବାହ୍ୟ ପ୍ରଭାବ ମଧ ନଥାଏ। ତ୍ରିଫଳା ପାଉଡ଼ର ହେଉଛି ଏପରି ଏକ ମହୋଷଧି ଯାହା ତିନି ପ୍ରକାର ଚେରମୂଳକୁ ନେଇ ପ୍ରସ୍ତୁତ ହୋଇଥାଏ। ଏହା ଆମ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। ଆୟୁର୍ବେଦିକ ଔଷଧ ପୁସ୍ତିକା ଚରକ ସଂହିତାର ପ୍ରଥମ ପ୍ରଶ୍ୱାସ ନୋବରେ ହେଉଥିବା ଅସୁବିଧା ଦୂର ହୋଇଥାଏ।

ଏକ ଅଧ୍ୟୟନରୁ ଜଣାପଡ଼ିଛି ତ୍ରିଫାଳର ଉପଯୋଗରେ କ୍ୟାନସର ରୋଗର ଚିକିତ୍ସା ମଧ ସମ୍ଭବ। କାରଣ ଏଥିରେ ଆଣ୍ଟି କ୍ୟାନସର ତତ୍ତ୍ୱ ରହିଛି।

ଯଦି ଆପଣଙ୍କର ମୁଣ୍ଡବିନ୍ଧା ସମସ୍ୟା ନିୟମିତ ଲାଗିରହିଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ନିୟମିତ ତ୍ରିଫଳା ସେବନ କଲେ ଲାଭ ମିଳିଥାଏ।



ଅଧ୍ୟାୟରେ ତ୍ରିଫଳା ବିଷୟରେ ଉଲ୍ଲେଖ କରାଯାଇଛି। ଏହା କିପରି ଆମକୁ ରୋଗ ବେମାରୀରୁ ସୁରକ୍ଷା ଦେଇଥାଏ ଆସନ୍ତୁ ଜାଣିନେବା।

ପେଟରେ ରୋଗ ଜୀବାଣୁ ନଷ୍ଟ କରି ଆମକୁ ଯନ୍ତ୍ରଣାରୁମୁକ୍ତି ଦେଇଥାଏ ତ୍ରିଫଳା। ଯଦି ଆମ ପେଟରେ ରିଙ୍ଗ ଓ୍ୱାର୍ମ କିମ୍ବା ଟେପଓ୍ୱାର୍ମ ହୋଇଥାନ୍ତି ତେବେ ତ୍ରିଫଳା ବିଶେଷ ଲାଭଦାୟୀ ହୋଇଥାଏ। ଏହା ମଧ ଶରୀରରେ ଲାଲ ରକ୍ତ କୋଷିକା ବୃଦ୍ଧି କରିଥାଏ ଯେକୌଣସି ପ୍ରକାରେ ସଂକ୍ରମଣ ବିରୁଦ୍ଧରେ ଶରୀରକୁ ସୁରକ୍ଷା ଦେଇଥାଏ।

ତ୍ରିଫଳା ଶ୍ୱାସଜନିତ ରୋଗ କ୍ଷେତ୍ରରେ ମଧ ବିଶେଷ ଲାଭଦାୟକ ଅଟେ। ଏହା ନିୟମିତ ସେବନ କରିବା ଦ୍ୱାରା ନିଶ୍ୱାସ

ଡାଇବେଟିସର ଉପଚାର ପାଇଁ ତ୍ରିଫଳା ମଧ ବହୁତ ପ୍ରଭାବଶାଳୀ ଅଟେ। ଏହା ପାକସ୍ଥଳୀକୁ ଉତ୍ତେଜିତ କରିବାରେ ସହାୟକ ହୋଇଥାଏ ଫଳରେ ଶରୀରରେ ଇନସୁଲିନ ସୃଷ୍ଟି ହୋଇଥାଏ।

ପାଚନ ସମସ୍ୟା ଦୂର କରିବାରେ ମଧ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଆପଣଙ୍କ ଶରୀରରେ ରକ୍ତ କମିଯାଇଥିଲେ ଆପଣ ତ୍ରିଫଳା ସେବନ କରି ଏହି ସମସ୍ୟାରୁ ମଧ ମୁକ୍ତି ପାଇପାରିବେ।

ଶରୀରରେ ମେଦ ହ୍ରାସ ପାଇଁ ମଧ ତ୍ରିଫଳା ବିଶେଷ ଲାଭଦାୟୀ ହୋଇଥାଏ।

ଏଥିରେ ଭରପୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ଶାରୀରିକ ପ୍ରକ୍ରିୟାକୁ ଠିକ୍ ରଖିଥାଏ।

# ଅଧିକ ସୁଗାର ଖାଉଛନ୍ତି କି ?

ଆପଣ ମିଲ୍କ ଚକୋଲେଟ ଖାଉଛନ୍ତି କି ? ଏଥିରେ ପ୍ରଚୁର ପରିମାଣରେ ସୁଗାର ରହିଥାଏ। ଏହାକୁ ଅଧିକ ଖାଇଲେ ବଡ଼ିରେ ତୁରନ୍ତ ଫ୍ୟାଟ ଜମା ହୋଇଯାଇଥାଏ। ତେଣୁ ଆପଣ ଦିନମାନରେ ଦୁଇଖଣ୍ଡ ଡାର୍କ ଚକୋଲେଟ ଖାଇପାରନ୍ତି। ଆଇସକ୍ରିମରେ ସୁଗାରର ମାତ୍ରା ଅଧିକ ରହୁଥିବାରୁ ଏହାକୁ ଖାଇଲେ ମଧ ଖୁବାଶୀଘ୍ର ଓଜନ ବଢ଼ିଯାଇଥାଏ। ବହୁ ରିସର୍ଚ୍ଚରୁ ଜଣାପଡ଼ିଛି ସୋଡ଼ା ବଡ଼ିକୁ ନର୍ମାଲ ଡାଏଟ ତୁଳନାରେ ୧୭ ଶତକଡ଼ା ଅଧିକ କ୍ୟାଲୋରୀ ଦେଇଥାଏ। ଏହାକୁ ପିଇଲେ ବି ମଣିଷ ମୋଟା ହୋଇଯିବାର ବହୁ ସମ୍ଭାବନା ରହିଛି। ପିଜାରେ ରହିଛି ପ୍ରୋସେସ୍ଡ ମିଟ୍ ଏବଂ ଅଧିକ ବ୍ୟେଡ଼, ଯାହା ବଡ଼ିରେ ଫ୍ୟାଟ ଜମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଚିପ୍ସ ଏବଂ ଫ୍ରେଞ୍ଚ ଫ୍ରାଏଜରେ ଫ୍ୟାଟ ଏବଂ ସଲ୍ଟର ମାତ୍ରା ଅଧିକ ରହିଥାଏ। ଏହାର ୧୩୯ ଗ୍ରାମ ମାତ୍ରାରେ ୪୨୭ କ୍ୟାଲୋରୀ ରହିଥିବା ଯୋଗୁଁ ଏହାକୁ ଖାଇବା ଦ୍ୱାରା ଓଜନ ବଢ଼ିଯାଇଥାଏ। ତେଣୁ କୋଲ୍ଡ ଡ୍ରିଙ୍କସ ସ୍ଥାନରେ ଘରେ ପ୍ରସ୍ତୁତ କରାଯାଇଥିବା ଲେମ୍ବୁ ପାଣି କିମ୍ବା ଦହି ସର୍ବତ ପିଅନ୍ତୁ। ଏଥି ସହିତ ଘରେ ପ୍ରସ୍ତୁତ ହୋଇଥିବା ହେଲ୍‌ଦୀ ପିଜା କିମ୍ବା ସାଣ୍ଡୱିଚ ଖାଇପାରନ୍ତି।



# ବାସିଭାତର ସ୍ୱାସ୍ଥ୍ୟପ୍ରଦ ଗୁଣ



ବୁବାରେ ଆମେ ପୂର୍ବ ଦିନ ରାତିରେ ରନ୍ଧା ଯାଇଥିବା ଭାତକୁ ଖାଇବା ଅନୁପଯୋଗୀ ଭାବି ଗୋରୁଗାଈଙ୍କୁ ଖୁଆଇ ଦେଇଥାଉ କିମ୍ବା ବାହାରେ ଫିଙ୍ଗି ଦେଇଥାଉ। କିନ୍ତୁ ଏହା ଠିକ୍ ନୁହେଁ। ତେଣୁ ଆଗକୁ କେବେ ଆପଣଙ୍କ ଘରେ ଭାତ ବଳିଲେ ଆପଣ ତାହା ଫିଙ୍ଗି ଦିଅନ୍ତୁ ନାହିଁ। କାରଣ ଏହି ବାସି ଭାତ ସ୍ୱସ୍ଥ୍ୟ ପାଇଁ ହିତକାରୀ ବୋଲି ଗବେଷଣାରୁ ପ୍ରମାଣିତ ହୋଇଛି। ବଳି ଯାଉଥିବା ଭାତକୁ ଏକ ମାଟି ପାତ୍ରରେ ପାଣିରେ ରାତିସାରା ରଖିଦିଅନ୍ତୁ। ଏହାକୁ ସକାଳେ ଆପଣ ବ୍ରେକଫାଷ୍ଟ ଭାବେ ଖାଇପାରିବେ। ଏହା ଆପଣଙ୍କର ପସନ୍ଦଯୋଗ୍ୟ ବ୍ରେକଫାଷ୍ଟ ହୋଇ ନପାରେ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହାର ବହୁ ଉପକାରିତା ରହିଛି।

- ଏହି ଭାତ ଖାଇବା ଦ୍ୱାରା ଆପଣଙ୍କ ଶରୀର ତାପମାତ୍ରା ନିୟନ୍ତ୍ରଣରେ ରହିବ।

-ଭାତରେ ଭରପୁର ମାତ୍ରାରେ ଫାଇବର୍ସ ଥାଏ। ଯାହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।

- ଏହି ଭାତ ଖାଇବା ଦ୍ୱାରା ଆପଣଙ୍କ ସାରା ଦିନ ଫ୍ରେଶ ଅନୁବ କରିପାରିବେ।

- ଯଦି ଆପଣଙ୍କର ଅଳସର ସମସ୍ୟା ରହିଛି ତେବେ ସପ୍ତାହରେ ତିନିଥର ଏହିପରି ବାସି ଭାତ ଖାଆନ୍ତୁ। ଏହାଦ୍ୱାରା ଖୁବଶୀଘ୍ର ଆପଣଙ୍କ ଘା ଶୁଖିଯିବ।

- ଯଦି ଆପଣଙ୍କର ଚା’ ଓ କଫି ପିଇବା ଏକ ନିଶାରେ ପିରଣତ ହୋଇଯାଇଛି ତେବେ ଏହି ପ୍ରକାର ବାସି ଭାତ ଖାଇବା ଦ୍ୱାରା ଆପଣଙ୍କର ଏହି ଅଭ୍ୟାସ ମଧ ପରିବର୍ତ୍ତନ ହୋଇଯିବ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୩ ସେପ୍ଟେମ୍ବର ୨୦୨୪, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରକାରୀ ସହାୟତାର ଦୁରୁପଯୋଗ...

ଏକଦା ଟ୍ରେନରେ ଜଣେ ଭଦ୍ରବ୍ୟକ୍ତିଙ୍କ ସହିତ ଦେଖା ହୋଇଥିଲା, ଯିଏ ପ୍ରାୟ ଦୁଇମାସରେ ଥରେ ସଂରକ୍ଷିତ ବଗିରେ ମୁମ୍ବାଇ ଯା'ନ୍ତି ତାଙ୍କର ଜଣେ ଅନୁଚରଙ୍କ ସହିତ, ତା'ପୁଣି ମାଗଣାରେ। କାରଣ ସିଏ ଭିନ୍ନକ୍ଷମ/ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରାପ୍ତ। ଦେଖିଲି ତାଙ୍କର ଗୋଟିଏ ପାଦ ଅଳ୍ପ ଟିକେ ବଙ୍କା। ସେଇଥିରେ ସିଏ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ତା'ର ବେଶ୍ ସଦୁପଯୋଗ କରୁଛନ୍ତି। ସୁବିଧା ମିଳିଲେ ଏଭଳି ସରକାରୀ ସହାୟତାର ଦୁରୁପଯୋଗ ଆମ ଦେଶରେ 'ସାଧାରଣ'। ଏଇଭଳି ଏକ ଘଟଣା ଆମ ଦେଶର ଗଣମାଧ୍ୟମରେ ଏବେ ଶୀର୍ଷରେ ରହିଛି। ୨୦୨୩ ବ୍ୟାଚର ଆଇଏଏସ୍(ଭାରତୀୟ ପ୍ରଶାସନିକ ସେବା)ର ୮୨୪ ରାଙ୍କଧାରିଣୀ ୩୪ ବର୍ଷ ବୟସ୍କା ଡାକ୍ତର ପୂଜା ଖେଡକର ୨୦୨୪ ଜୁନରେ ଶିକ୍ଷାନବିସ(ଟ୍ରେନି) ଆଇଏଏସ୍ ଭାବେ ପୁନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳଭାବେ ନିଯୁକ୍ତି ପାଆନ୍ତି। ୧୧ଥରରେ କୃତକାର୍ଯ୍ୟ ହୋଇଥିବା ପୂଜା ଏଥିନିମନ୍ତେ ବିଭିନ୍ନପ୍ରକାର ଅସତ୍ ଉପାୟର ସାହାରା ନେଇଥିବା ଜଣାପଡ଼େ। ତାଙ୍କର ପିତା ପୂର୍ବତନ ଆଇଏଏସ୍ ଦିଲୀପ ଖେଡକର ଓ ମାତା ରାଜନୀତିରେ ଥିବାରୁ ପୂଜା ଯେ ସମାଜର କ୍ରିମିଲେୟାରଭୁକ୍ତ ଏହା ସହଜରେ ଅନୁମେୟ। ସ୍ୱୀୟ ପାରିବାରିକ ସମ୍ପତ୍ତି ୧୦୦ କୋଟି ଟଙ୍କାର ସେ ଦାୟାଦ ଓ ନିଜେ ୧୭ କୋଟି ଟଙ୍କାର ମାଲିକ। ମାସିକ ୪୦ ଲକ୍ଷ ଟଙ୍କା ଆୟ। ୧୭ ଲକ୍ଷ ଟଙ୍କାର ଘଣ୍ଟା ପିନ୍ଧୁଥିଲେ ଓ ବିଳାସପୂର୍ଣ୍ଣ ଅଡ଼ି ଗାଡ଼ି ଚଢୁଥିଲେ ମଧ୍ୟ ସିଏ ନିଜକୁ ଇଡବ୍ଲ୍ୟୁଏସ୍ ବା ଆର୍ଥିକ ଦୁର୍ବଳ ବର୍ଗର ଅନ୍ତର୍ଭୁକ୍ତ ବୋଲି ଦାବି କରିଥିଲେ ଆଇଏଏସ୍ ଚୟନ ସକାଶେ। ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ। ଯେତେବେଳେ ନିତି ପେଟପୁରା ଖାଇବାକୁ ପାଉ ନ ଥିବା କୋଟିକୋଟି ଭାରତୀୟଙ୍କ ମଧ୍ୟରୁ ଅନେକ ଏହି ପ୍ରମାଣପତ୍ର ପାଇ ପାରୁନାହାନ୍ତି ବା ପ୍ରମାଣପତ୍ର ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଖଣ୍ଡିଏ ପାଇଁ ଯୋଗ୍ୟ ହୋଇ ପାରୁନାହାନ୍ତି ସେତେବେଳେ ପୂଜା ଏକ ବ୍ୟତିକ୍ରମ ନିଶ୍ଚୟ। କେବଳ ସେତିକି ନୁହେଁ, ପୂଜା କୌଣସି ପ୍ରକାର ଭିନ୍ନକ୍ଷମ ନଥିଲେ ମଧ୍ୟ ଭିନ୍ନକ୍ଷମ/ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରି ନେଇଥିଲେ ଏହି ଆଇଏଏସ୍ ଚୟନ ସକାଶେ। ପ୍ରୋଗ୍ରେସିଭ ମାଇଓପିଆ ବା 'କ୍ରମବର୍ଦ୍ଧିଷ୍ଣୁ ନିକଟ ଦୃଷ୍ଟିଦୋଷ' ହେତୁରୁ ତାଙ୍କର ୫୦% ଦୃଷ୍ଟିହାନି ଓ 'ଲୋକୋମୋଟୋ ଡିଜଅର୍ଡର' ହେତୁ ଚଳତଶକ୍ତିରେ ଆଂଶିକ ଅସାମର୍ଥ୍ୟକୁ ଦର୍ଶାଇ ସେ ଆରକ୍ଷଣର ସୁବିଧା ନେଇଥିଲେ। ସେହିସବୁ ଭିନ୍ନକ୍ଷମ ପ୍ରମାଣପତ୍ର ଦେବା ପାଇଁ(ଆଇଏଏସ୍ ଭଳି ପରୀକ୍ଷା/ସେବା ନିମନ୍ତେ)ଏମ୍ସ, ଦିଲ୍ଲୀ ହିଁ ଏକମାତ୍ର ଅଧିକୃତ ଅନୁଷ୍ଠାନ। କିନ୍ତୁ ଏଥିସକାଶେ ଏମ୍ସ ପକ୍ଷରୁ ୪ଥର ଚିଠି ଦିଆଯାଇଥିଲେ ମଧ୍ୟ ପୂଜା ତାହାକୁ ଏଡ଼ାଇ ଦେଇଥିଲେ ଏବଂ ପ୍ରତିଥର ବିଭିନ୍ନ ଘରୋଇ ହସ୍ପିଟାଲରୁ ସେହି ପ୍ରମାଣପତ୍ର ଯୋଗାଡ଼ କରିଚାଲିଥିଲେ। ମସୌରୀସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ ଦ୍ୱାରା ସେହି ଘରୋଇ ହସ୍ପିଟାଲର ପ୍ରମାଣପତ୍ର ସବୁ ଗ୍ରହଣଯୋଗ୍ୟ ନ ହେବାରୁ ପୂଜା ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(କ୍ୟାଟ)ର ଆଶ୍ରୟ ନେଇଥିଲେ। କିନ୍ତୁ ସେଥିରେ ମଧ୍ୟ ବିଫଳ ହୋଇଥିଲେ। କି ଔଦ୍ଧତ୍ୟ ଦେଖନ୍ତୁ! ଜଣେ ବିଧିବଦ୍ଧଭାବେ ଚାକିରିରେ ନିଯୁକ୍ତ ହୋଇ ନଥିବା ବ୍ୟକ୍ତି ବିଧିବ୍ୟବସ୍ଥାକୁ ଉପେକ୍ଷା କରି ପୁଣି ସେଇ ବିଧିବ୍ୟବସ୍ଥା ବିରୁଦ୍ଧରେ ନ୍ୟାୟିକ ପନ୍ଥା ଆପଣେଇବ! ପରେ ସେହି ଘରୋଇ ହସ୍ପିଟାଲ ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣପତ୍ର କିପରି ଗ୍ରହଣଯୋଗ୍ୟ ହୋଇପାରିଲା ତାହା ସନ୍ଦେହ ଉଦ୍ରେକ କରାଏ। ଏହା ତାଙ୍କର ପ୍ରଭାବଶାଳୀ କୋଟିପତି ଓ ରାଜନୈତିକ ପୃଷ୍ଠଭୂମି ଥିବା ପିତା/ମାତାଙ୍କ ପ୍ରଭାବରୁ ହୋଇଥାଇପାରେ। କିନ୍ତୁ ଏତିକିରେ ପୂଜାଙ୍କର କାରନାମାର ଅନ୍ତ ହୋଇନାହିଁ, ସେ ଉପରୋକ୍ତ ଚାକିରି/ସେବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଫର୍ମ ପୂରଣ କରୁଥିବା ସମୟରେ ଏପରି ବିଭ୍ରାନ୍ତିକର ଓ ଖାପଛଡ଼ା ସୂଚନାମାନ ଦେଇଥିଲେ ଯେ ଯାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ ମନେହୁଏ। ନିଜର ପିତାମାତାଙ୍କର ନାମ, ଠିକଣା, ଇମେଲ ଓ ସ୍ୱୀୟ ସମ୍ବନ୍ଧରେ ସୂଚନାମାନ ସିଏ ବାରମ୍ବାର ବଦଳାଇଛନ୍ତି। ଏହାଦ୍ୱାରା ସେ ତିନିଚାରୋଟି ସ୍ଥାନରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଣିଛନ୍ତି। ମାତ୍ର ଲୋଭରୁ ମୃତ୍ୟୁ କଥାଟି ସତ ହେଲା। ସେଇ ଲୋଭ ହିଁ ତାଙ୍କୁ ଖାଇଲା। ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରିଲେ ନାହିଁ ତ, କୁରାଢ଼ୀ ଉପରେ ନିଜ ଗୋଡ଼ ମାରିଦେଲେ। ତା'ପରେ ସନ୍ଦେହ ଉପୁଜିଲା ଯେ ଏମବିବିଏସ ପଢ଼ିଥିବା ପୂଜା ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ମଧ୍ୟ ଏକା ପନ୍ଥା ଆପଣାଇଥିବେ! ଏହା ପ୍ରମାଣ କରେ ଯେ ଭାରତରେ ଯେତେ ଉଚ୍ଚସ୍ତରର ପରୀକ୍ଷା/ଚାକିରି ଓ ସେନିମନ୍ତେ ଚୟନ ପ୍ରକ୍ରିୟା କିଛି ବି କଳଙ୍କମୁକ୍ତ ନୁହେଁ। ସିଏ ଯେତେ ମୋଟା ଇସ୍ପାତପତ୍ର ହେଲେ ମଧ୍ୟ ସେଥିରେ କଣା କରିବା ଅସମ୍ଭବ ନୁହେଁ। ଆଇଏଏସ୍ ହେବା ସକାଶେ ସବୁପ୍ରକାର ଅସତ ଉପାୟ ଅବଲମ୍ବନରେ ପୂଜା ଯଦି ନିଜକୁ ସୀମିତ ରଖି ଥାଆନ୍ତେ ତେବେ ବୋଧେ କିଛି ଅସୁବିଧାର ସମ୍ମୁଖୀନ ହୋଇ ନଥା'ନ୍ତେ। ମାତ୍ର ଚୋର ଘର ସବୁବେଳେ ଅନ୍ଧାର ନଥାଏ।

# ବଢୁଛି ରେଳ ଦୁର୍ଘଟଣା ଷଡଯନ୍ତ୍ର



**ସୌମେନ୍ଦ୍ର ଜେନା**

ବିଗତ ଦିନରେ ବାଲେଶ୍ୱର ନିକଟସ୍ଥ ବାହାନଗାଠାରେ ହୋଇଥିବା ଭୟାବହ ରେଳ ଦୁର୍ଘଟଣାର ଚିତ୍ର ଆମ ମନରୁ ଲିଭିନାହିଁ। ସେହି ଦୁର୍ଘଟଣାର କାରଣ ସଂପର୍କରେ ଅଦ୍ୟାବଧି ସେମିତି କିଛି ସ୍ପଷ୍ଟ କାରଣ ସର୍ବସମ୍ମୁଖକୁ ଆସିପାରି ନଥିବା ବେଳେ ନିକଟରେ ଏମିତି ଛୋଟବଡ ଅନେକ ଦୁର୍ଘଟଣା ଓ ଷଡଯନ୍ତ୍ର ଲୋକ ସମ୍ମୁଖକୁ ଆସିବା ପରେ ଏବେ ସମସ୍ତେ ଚକିତ ହୋଇଛନ୍ତି। ନିକଟରେ ପ୍ରୟାଗରାଜ-ଭିୱାନୀ କାଳିନ୍ଦୀ ଏକ୍ସପ୍ରେସକୁ ଧାରଣାଚ୍ୟୁତ କରିବା ପାଇଁ କାନପୁର ନିକଟସ୍ଥ ଶିବରାଜପୁରଠାରେ ରେଳଧାରଣା ଉପରେ ରନ୍ଧନ ଗ୍ୟାସ ସିଲିଣ୍ଡର ରଖାଯିବା ଦୃଷ୍ଟିକୁ ଆସିଛି। ଲୋକୋ ପାଇଲଟଙ୍କ ଦୃଷ୍ଟିରୁ ଏହା ଆସିବାରୁ ସେ ଜରୁରୀକାଳୀନ ବ୍ରେକ ଦେଇ ରେଳକୁ ରୋକିଥିଲେ। ତଥାପି ରେଳଟି ଦୁର୍ଘଟଣା ସ୍ଥଳରୁ ୨୦ମିଟର ଆଗରୁ ଯାଇ ଅଟକିଥିଲା ଏବଂ ରେଳର ଆଘାତରେ ସିଲିଣ୍ଡରଟି ଫାଟି ନ ଯାଇ ଧାରଣାର କଡରେ କିଛି ଦୂର ଛିଟିକିଯାଇ ପଡିବାପରେ ସାମାନ୍ୟ ଚେପା ହୋଇଥିଲା। ଏହାପରେ ଲୋକୋ ପାଇଲଟ ଜଣକ ରେଳବାଇ ପୁଲିସକୁ ଜଣାଇବା ପରେ ତତ୍କାଳ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଚଳାଇଥିଲେ। ଘଟଣାସ୍ଥଳରୁ କିଛି ଦୂରରେ ପେଟ୍ରୋଲ ଭର୍ତ୍ତି କାଚ ବୋତଲ ଏବଂ ଦିଆସିଲି ଆଦି ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ଖାଲି ବ୍ୟାଗ ମଧ୍ୟ ମିଳିଥିଲା। ଏଥିରୁ ଆଶଙ୍କା କରାଯାଉଛି ଯେ ଷଡଯନ୍ତ୍ରକାରୀମାନେ ଦୁର୍ଘଟଣା ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ। ସିଲିଣ୍ଡରଟି ଫାଟି ନିଆଁ ଲାଗିବା ସ୍ଥିତିରେ ସେମାନେ ଅଧିକ ଲୋକଙ୍କୁ ହତ୍ୟା କରିବା ପାଇଁ ବଗି ଉପରକୁ ପେଟ୍ରୋଲ ବୋମା ମାଡ କରି ଦିଆସିଲିରେ ନିଆଁକୁ ଅଧିକ ବ୍ୟାପକ କରିଥାନ୍ତେ, ଯାହା ଫଳରେ ଦୁର୍ଘଟଣାଗ୍ରସ୍ତ ଗାଡିଟିର ନାହିଁ ନଥିବା କ୍ଷୟକ୍ଷତି ଘଟିଥାନ୍ତା। ଏହି ଘଟଣାରେ ତଦନ୍ତ କରି ପୁଲିସ ସନ୍ଦେହରେ ଦୁଇଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଅସଲ ଷଡଯନ୍ତ୍ରକାରୀ କିଏ ତାହା ଏଯାଏଁ ଜଣାପଡିନାହିଁ।

ଗତମାସ ୨୨ ଅଗଷ୍ଟରେ ସମାନ ଢଙ୍ଗରେ ଅନ୍ୟ ଏକ ଷଡଯନ୍ତ୍ର ଦୃଷ୍ଟିକୁ ଆସିଥିଲା। ବାରଣାସୀ ଅହମ୍ମଦାବାଦ ସାବରମତୀ ଏକ୍ସପ୍ରେସର ଯାତ୍ରା ପଥରେ କାନପୁର ନିକଟରେ ରେଳଧାରଣା ଉପରେ ଲୁହାଛଡ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଭୋର ୨ଟା ୩୦ମିନିଟରେ ଏହି ଲୁହାରଡର ଆଘାତରେ ଇଞ୍ଜିନ ଧାରଣାଚ୍ୟୁତ ହୋଇଥିଲା। ସେହି ଘଟଣାରେ କେହି ହତାହତ ହୋଇ ନଥିଲେ ମଧ୍ୟ ଯାତ୍ରୀମାନେ ଯିବାଲାଗି ଅନ୍ୟ ଟ୍ରେନର ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ଏଠାରେ ଉଲ୍ଲେଖ କରିବାର କଥା ହେଲା ଯେ ଗତ ଗୋଟିଏ ସପ୍ତାହ ମଧ୍ୟରେ ୫ଟି ଷଡଯନ୍ତ୍ର ହୋଇଛି। ୨ଟି ଘଟଣା ପଥରମାଡକୁ ନେଇ ଏବଂ ତିନୋଟି ଘଟଣା ରେଳ ଦୁର୍ଘଟଣାକୁ କେନ୍ଦ୍ରକରି ଘଟିଛି। ୨୮ ଅଗଷ୍ଟରେ ରାଜସ୍ଥାନର ବାରାନର ଚଟାୱ୍ଡାଠାରେ ରେଳଧାରଣା ଉପରେ ପୁରୁଣା ବାଇକର ଲୁହାଖଣ୍ଡ ପକାଯାଇଥିଲା। ରାଜସ୍ଥାନରେ ଗୋଟିଏ ମାସରେ ତିନିଥର ରେଳ ଦୁର୍ଘଟଣା ପାଇଁ ଷଡଯନ୍ତ୍ର ହୋଇଥିବା ଦୃଷ୍ଟିକୁ ଆସିଛି। ୪ ସେପ୍ଟେମ୍ବର ୨୦୨୪ରେ ଲକ୍ଷ୍ନୌରୁ ପାଟନା ଯାଉଥିବା ବନ୍ଦେ ଭାରତ ଟ୍ରେନ ବାରଣାସୀ ଷ୍ଟେସନ ଅତିକ୍ରମ କରିବାର କିଛି ସମୟ ପରେ ଟ୍ରେନ ଉପରକୁ ପଥରମାଡ କରାଯାଇଥିଲା। ସେହିପରି ୫ ସେପ୍ଟେମ୍ବର ୨୦୨୪ଦିନ ରାଞ୍ଚିରୁ ପାଟନା ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଝାଡଖଣ୍ଡର ହଜାରିବାଗ ଅତିକ୍ରମ କଲା ପରେପରେ ସମାନ ଢଙ୍ଗରେ ଟ୍ରେନ ଉପରକୁ ପଥରମାଡ କରାଯାଇଥିଲା। ୫ ସେପ୍ଟେମ୍ବର ୨୦୨୪ରେ କୁରଡୁୱାଡି ଷ୍ଟେସନ ନିକଟରେ ଗୋଟିଏ ବଡ ଦୁର୍ଘଟଣାକୁ ଲୋକୋ ପାଇଲଟଙ୍କ ସତର୍କତା ଯୋଗୁ ଏଡାଇ ଦିଆଯାଇପାରିଥିଲା। ଏକ ସିଗ୍ନାଲ ପଏଣ୍ଟ ନିକଟରେ ରେଳଧାରଣା ଉପରେ ଜାଣିଶୁଣି ଏକ ଫାଉଲିଙ୍ଗ ମାର୍କ ସ୍ଲାବ ରଖାଯାଇଥିଲା। ଅଧିକାରୀମାନେ ଘଟଣା ସଂପର୍କରେ ସୂଚନା ପାଇ ଧାରଣା ଉପରେ ପଡିରହିଥିବା ସିମେଣ୍ଟର ସ୍ଲାବକୁ ହଟାଇଥିଲେ। ୭ ସେପ୍ଟେମ୍ବର ୨୦୨୪ରେ ଇନ୍ଦୋର- ଜବଲପୁର ସୁପରଫାଷ୍ଟ ଏକ୍ସପ୍ରେସର ୨ଟି ବଗି ଧାରଣାଚ୍ୟୁତ ହେବା ଘଟଣା ଦୃଷ୍ଟିକୁ ଆସିଲା। ଷ୍ଟେସନ ନିକଟରେ ଅତି ସନ୍ଦେହଜନକ ଭାବେ ଦୁଇଟି ରେଳଡବା ଧାରଣାଚ୍ୟୁତ ହେବା ଘଟଣାଟି ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ୮ ସେପ୍ଟେମ୍ବର ୨୦୨୪ରେ ରାଜସ୍ଥାନର ଅଜମେର ଜିଲ୍ଲାରେ ରେଳଧାରଣା ଉପରେ ସିମେଣ୍ଟସ୍ଲାବ ପକାଇ ମାଲଗାଡିକୁ ଲାଇନଚ୍ୟୁତ କରିବାକୁ ଷଡଯନ୍ତ୍ର ହୋଇଥିଲା। ଅଧିକାରୀମାନଙ୍କ କହିବା ଅନୁଯାୟୀ ଲାଇନଚ୍ୟୁତ ଡେଡିକେଟେଡ ଫ୍ରେଟ କରିଡର (ପରିବହନ ରେଳମାର୍ଗ) ଧାରଣା ଉପରେ ଦୁର୍ଘଟଣାର ଷଡଯନ୍ତ୍ର ହୋଇଥିଲା। ଏକ ମାଲଗାଡି ଉକ୍ତ ସ୍ଲାବକୁ ଧକ୍କା ଦେଇଥିଲା। ଫୁଲେରା - ଅହମ୍ମଦାବାଦ ରେଳମାର୍ଗର ସରଧନା ଏବଂ ଜାଙ୍ଗଡ ଷ୍ଟେସନ ମଧ୍ୟରେ ଏହି ଘଟଣାଟି ଘଟିଥିଲା। ୧ କିଲୋମିଟର ଧାରଣା ଉପରେ ପ୍ରାୟ ୧ କ୍ୱିଣ୍ଟାଲ ଓଜନର ସିମେଣ୍ଟ ସ୍ଲାବ ରଖାଯାଇଥିଲା। ୮ ସେପ୍ଟେମ୍ବର ରାତି ୧୦ଟା ୩୬ମିନିଟରେ ସୂଚନା ମିଳିଲା ପରେ ଡେଡିକେଟେଡ ଫ୍ରେଟ କରିଡର କର୍ପୋରେସନର କର୍ମଚାରୀ ରବି ବୁନ୍ଦେଲା ଏବଂ ବିଶ୍ୱଜିତ ଦାସ ପୁଲିସରେ ଅଭିଯୋଗ କରିଥିଲେ।

ଗତ ମାସ ୨୨ ଅଗଷ୍ଟରେ ଏକ ଚଳନ୍ତା ରେଳଗାଡିକୁ ଦୁର୍ଘଟଣାଗ୍ରସ୍ତ କରିବାଲାଗି ବାରମ୍ବାର ପ୍ରୟାସ କରୁଥିବା ଅଫ୍ଶାନ ନାମକ ଯୁବକକୁ ଅଲିଗଡ ରେଳବାଇ ପୁଲିସ ଗିରଫ କରିଥିଲା। ୨୦ ଅଗଷ୍ଟ ଦିନ ଅଭିଯୁକ୍ତ ୧୭ତାରିଖରେ ଘଟିଥିବା କାନପୁର ରେଳ ଦୁର୍ଘଟଣାକୁ ଦୋହରାଇବା ପାଇଁ ଚାହୁଁଥିଲା ବୋଲି ପୁସିଲ ସୂତ୍ରରୁ ଜଣାପଡିଛି। ଅଭିଯୁକ୍ତ ଜଣକ ରେଳଧାରଣା ଉପରେ ଏକ ଆଲୟଚକକୁ ଥୋଇ ରେଳଗାଡିକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ପ୍ରୟାସ କରୁଥିଲା।

ସେହିପରି ୨୩ଅଗଷ୍ଟ ୨୦୨୪ ରାତିରେ ଉତ୍ତର ପ୍ରଦେଶର କାସ୍ଗଞ୍ଜ - ଫରୁଖାବାଦ ଏକ୍ସପ୍ରେସ ଏକ ବଡ ଦୁର୍ଘଟଣାରୁ ରକ୍ଷାପାଇଥିଲା। କାରଣ ଏକ୍ସପ୍ରେସଟି ଯାତ୍ରା କରିବା ସମୟରେ ରେଳଧାରଣା ଉପରେ ରଖାଯାଇଥିବା ଏକ କାଠଗଡ ସହ ଧକ୍କା ଖାଇଥିଲା। କାଠଗଡ ସହ ଧକ୍କା ଖାଇବା ସମୟରେ ଗାଡିକୁ ଝଟ୍କା ଲାଗିଥିଲା। ରେଳଗାଡିର ଡ୍ରାଇଭର ବା ଲୋକୋ ପାଇଲଟ ଜରୁରୀକାଳିନ ବ୍ରେକ୍ ଲଗାଇବାରୁ ଗାଡି ରହିଯାଇଥିଲା। ପରେ ଜଣାପଡିଲା ଯେ କାଠଗଡଟି ଟ୍ରେନ ଇଞ୍ଜିନ ମଧ୍ୟରେ ପଶିଯାଇଥିଲା। ଗତବର୍ଷ ଅକ୍ଟୋବର ମାସରେ ଉଦୟପୁର-ଜୟପୁର ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ଟ୍ରେନକୁ ଧାରଣାଚ୍ୟୁତ କରିବାକୁ ଷଡଯନ୍ତ୍ର ହୋଇଥିଲା। ଧାରଣା ଉପରେ ଲୁହାରଡ ଏବଂ ପଥରଖଣ୍ଡ ସବୁ ରଖିଥିବା ଅଭିଯୋଗରେ ଗୁଲଜାର ଶେଖ୍ ନାମକ ଜଣେ ୟୁଟ୍ୟୁବରକୁ ପୁଲିସ ଗିରଫ କରିଥିଲାଦ। ରେଳଧାରଣା ଉପରେ ଭିନ୍ନ ଭିନ୍ନ ବସ୍ତୁ ରଖି ସୁଟିଂ କରିବାକୁ ପ୍ରୟାସ କରୁଥିଲା ବୋଲି ସେ ପରେ ସଫେଇ ଦେଇଥିଲା, ହେଲେ ପ୍ରକୃତରେ ତା କଥାରେ କେତେ ସତ୍ୟତା ରହିଛି ତାହା ସନ୍ଦେହଜନକ।

ଭାରତରେ ବନ୍ଦେ ଭାରତ ପରି ସୁନ୍ଦର ରେଳଗାଡି ଚାଲିବା ଏବଂ ରେଳଯୋଗାଯୋଗର ବିକାଶ ହେବା ପ୍ରୟାସ ପାକ୍ର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ଆଇଏସ୍ର ଗାତ୍ରଦାହର କାରଣ ହୋଇଛି। "ଆମ ରେଳଗାଡି ନହେଲା ନାହିଁ ଭାରତୀୟ ରେଳ ଚଢିବେ ନାହିଁ"- ନୀତିରେ ଆଇଏସ୍ଆଇ ଏବଂ ଇସଲାମିକ ଷ୍ଟେଟ ଜିହାଦୀ ଭାରତର ରେଳଯୋଗାଯୋଗ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଲାଗିପଡିଛନ୍ତି। ଜାନୁଆରୀ ୨୦୧୭ରେ ଏମିତି ଏକ ରେଡିଓ ଟେପ୍ ପୁଲିସ ହାତରେ ଲାଗିଥିଲା ଯେଉଁଥିରେ ଆଇଏସ୍ଆଇର ଏଜେଣ୍ଟ ବିହାରର ରେଳଧାରଣାରେ ବିସ୍ଫୋରକ ଖଞ୍ଜିବାକୁ ଦୁଇଜଣ ଯୁବକଙ୍କୁ ଚାପ ପ୍ରୟୋଗ କରି ବିଫଳ ହେବାପରେ ଗୁଳିକରି ହତ୍ୟା କରିଥିଲା। ଆଇଏସ୍ଆଇର ନେପାଳୀ ଏଜେଣ୍ଟ ବ୍ରଜ କିଶୋର ଗିରି ତାର ପାକ୍ ଆଇଏସ୍ଆଇର ମାଷ୍ଟରମାଇଣ୍ଡ ସାମ୍ସୁଲ ହୋଡା ନିର୍ଦ୍ଦେଶରେ ବିହାରର ପୂର୍ବ ଚମ୍ପାରନ ଜିଲ୍ଲାର ଘୋରାସାନ ନିକଟରେ ରେଳଧାରଣା ଉପରେ ବିସ୍ଫୋରକ ଖଞ୍ଜିବାକୁ କିଛି ଯୁବକଙ୍କୁ ସାମିଲ କରିଥିଲା। ସେହି ଷଡଯନ୍ତ୍ରରେ ଅରୁଣ ଓ ଦୀପକ ରାମ ନାମକ ଦୁଇଜଣ ଯୁବକ ସାମିଲ ହୋଇପାରିବେ ନାହିଁ ବୋଲି ସ୍ପଷ୍ଟ କହିବା ପରେ ଗିରି ସେମାନଙ୍କୁ ଗୁଳିକରି ହତ୍ୟାକଲା ପରେ ଅଡିଓକ୍ଲିପିଂ ରେକର୍ଡିଂ କରି ପାକ୍ ହ୍ୟାଣ୍ଡଲର ହୋଡ ପାଖକୁ ପଠାଇଥିଲା। ଅରୁଣ ଓ ଦୀପକର ହତ୍ୟାକାଣ୍ଡ ପରେ ମୋତି ପାଶୱାନ, ଉମାଶଙ୍କର ପଟେଲ ଏବଂ ମୁକେଶ ଯାଦବ ନାମକ ତିନିଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ କାନପୁରଠାରେ ୧ ଅକ୍ଟୋବର ୨୦୧୬ରେ ବିହାରର ପୂର୍ବ ଚମ୍ପାରନ ଜିଲ୍ଲା ଘୋରାସାନ ନିକଟରେ ରେଳଧାରଣା ଉଡାଇବା ପାଇଁ ବିସ୍ଫୋରକ ଭିଡିବାକୁ ବ୍ରଜ କିଶୋର ଗିରି ପାଞ୍ଚଜଣ ଯୁବକଙ୍କୁ ତା ଷଡଯନ୍ତ୍ରରେ ସାମିଲ କରି ୩ଲକ୍ଷ ଟଙ୍କା ଦେଇଥିଲା। ପରେ ତିନିଜଣ ଯୁବକ ଆଇଇଡି ଖଞ୍ଜିଥିଲେ ହେଁ ତାହା ପୁଲିସ ଦୃଷ୍ଟିରେ ପଡିଯିବା ହେତୁ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା। ପରେ ଆଇଇଡି ଭିଡିଥିବା ତିନିଯୁବକଙ୍କୁ ପୁଲିସ ଗିରଫ କରିଥିଲା। କିନ୍ତୁ ସେଥିରେ ସାମିଲ ହେବାକୁ ଅରୁଣ ଏବଂ ଦୀପକ ମନା କରିବାରୁ ଗିରି ସେମାନଙ୍କୁ ନେପାଳ ନେଇ ସେଠାକାର ଜଙ୍ଗଲରେ ଗୁଳିକରି ହତ୍ୟା କରିଥିଲା। ଦିଲ୍ଲୀରେ ରହୁଥିବା ସାମସୁଲ ହୋଡା ନିର୍ଦ୍ଦେଶରେ ଗିରି ଏବଂ ଅନ୍ୟ କେତେଜଣ ଇନ୍ଦୋର - ପାଟନା ଏକ୍ସପ୍ରେସକୁ ଟାର୍ଗେଟ କରି ଆଇଇଡି ଖଞ୍ଜିବା ସହ ଗ୍ୟାସ କଟର ଯୋଗେ ରେଳଧାରଣାକୁ କାଟି ଦେବା ଯୋଗୁ କାନପୁର ନିକଟରେ ୨୬ ନଭେମ୍ବର ୨୦୧୬ରେ ଯେଉଁ ଭୟଙ୍କର ରେଳ ଦୁର୍ଘଟଣା ଘଟିଥିଲା ସେଥିରେ ୧୪୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଆଇଏସ୍ଆଇ ନେପାଳରୁ ଏହି ଷଡଯନ୍ତ୍ର ରଚିଥିଲା। ଘୋରାସାନରେ ଆଇଇଡିକୁ ଗ୍ରାମବାସୀମାନେ ଦେଖି ପୁଲିସକୁ ସୂଚନା ଦେବାପରେ ବୋମାକୁ ହଟାଯାଇଥିଲା। ସେହି ଘଟଣାରେ ସଂପୃକ୍ତ ତିନିଜଣ ପୂର୍ବଚମ୍ପାରନ ଜିଲ୍ଲାରେ ଗିରଫ ହୋଇଥିଲେ ଏବଂ ଅନ୍ୟ ତିନିଜଣ ନେପାଳର ତୈଲୟାରେ ଧରାପଡିଥିଲେ। ଅନ୍ୟ ଦୁଇଜଣ ଗଜେନ୍ଦ୍ର ଶର୍ମା ଏବଂ ରାକେଶ ଯାଦବ ପରେ ପୁଲିସ ହାତରେ ଧରାପଡିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିହାରର ପୂର୍ବ ଚମ୍ପାରନ ଜିଲ୍ଲାଟି ନେପାଳର ସୀମା ନିକଟବର୍ତ୍ତୀ। ଏହି ଜିଲ୍ଲାର ସୀମା ନିକଟସ୍ଥ ରକ୍ସାଉଲଠାରେ ଅଗଷ୍ଟ ୨୦୧୩ରେ ଇଣ୍ଡିଆନ ମୁଜାହିଦୀନ ମୁଖ୍ୟ ୟାସିନ ଭଟକଲକୁ ଗିରଫ କରାଯାଇଥିଲା।

ଏକଥା ସତ ଯେ ୧୪୪ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ଦୈନିକ ୧୪ ହଜାର ଟ୍ରେନରେ ୧୨୦ଲକ୍ଷ ଯାତ୍ରୀ ୬୪ ହଜାର କିମି ରେଳଧାରଣା ଯାତ୍ରା କରିଥାନ୍ତି। ଯଦି ଭାରତରେ ଟ୍ରେନ ଦୁର୍ଘଟଣାର ହିସାବକୁ ଦେଖିବା ତେବେ ଜଣାପଡିବ ଯେ ୧୯୭୧-୮୧ ମଧ୍ୟରେ ୯୯୯୮, ୧୯୮୨-୯୨ମଧ୍ୟରେ ୭୦୧୩,୧୯୯୩-୨୦୦୩ ମଧ୍ୟରେ ୪୬୨୦, ୨୦୦୪-୨୦୧୪ ମଧ୍ୟରେ ୧୮୫୩, ୨୦୧୫-୨୦୨୨ ମଧ୍ୟରେ ୪୪୯ଟି ରେଳଦୁର୍ଘଟଣା ଘଟିଥିଲା। କିନ୍ତୁ ରେଳଜନିତ କାରଣରୁ ୨୦୧୭-୨୦୨୧ ମଧ୍ୟରେ ପ୍ରାୟ ୧ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଅସାବଧାନତା ଯୋଗୁ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏସବୁ ଦୃଷ୍ଟିରୁ ବିଚାର କଲେ ଦେଶରେ ରେଳ ଷଡଯନ୍ତ୍ର ଯେପରି ଅଧିକ ବଢୁଛି ତାହା ଦେଶର ଧନ-ଜୀବନ ଓ ଅର୍ଥନୀତିକୁ ଅଧିକ ପ୍ରଭାବିତ କରିବ। ରେଳର ସୁରକ୍ଷା ପାଇଁ କେବଳ ପୁଲିସ ନୁହେଁ ଜନସାଧାରଣଙ୍କ ସହଯୋଗ ଓ ସୂଚନାର ବଡ ଭୂମିକା ରହିଛି। ସରକାର ଯେପରି ଦୁର୍ଘଟଣା ହ୍ରାସ ପାଇଁ ବିଗତ ଦିନରେ ପଦକ୍ଷେପ ନେଇଛନ୍ତି, ସେମିତି ସୁରକ୍ଷା ପାଇଁ ମଧ୍ୟ ଅତ୍ୟାଧୁନିକ ବ୍ୟବସ୍ଥାକୁ ଲାଗୁ କରିବା ଆବଶ୍ୟକ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ଜାମ୍ମୁ-କାଶ୍ମୀର ନିର୍ବାଚନ



**ସୌଭାଗ୍ୟ ରଂଜନ ମହାନ୍ତି**

ଜାମ୍ମୁ-କାଶ୍ମୀରର ୯୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୪ଟି ଆସନରେ ଭୋଟ ଗ୍ରହଣ ଲାଗି ଆଉ ସପ୍ତାହକରୁ କମ୍ ଦିନ ଥିବାବେଳେ ଉଭୟ ପ୍ରାର୍ଥୀ ଓ ଜନସାଧାରଣଙ୍କ ମଧ୍ୟରେ ଯେଉଁଭଳି ଉତ୍ସାହ ଲାଗି ରହିଛି, ତାହା ଅଦଭୂତପୂର୍ବ ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଦୀର୍ଘ ୧୦ବର୍ଷର ବ୍ୟବଧାନ ପରେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ଯାହାକି ୨୦୧୯ରେ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଓ ରାଜ୍ୟପାହ୍ୟା ରଦ୍ଦ କରି କେନ୍ଦ୍ରଶାସିତ ଅଂଚଳରେ ପରିଣତ ହେବା ପରେ ପ୍ରଥମ ନିର୍ବାଚନ। ନିର୍ବାଚନ ପାଇଁ ଜନସାଧାରଣଙ୍କ ଆଗ୍ରହ ଓ ବ୍ୟଗ୍ରତା ଗଲା ଲୋକସଭା ନିର୍ବାଚନ ନିର୍ବାଚନର ମତଦାନ ହାର ସ୍ପଷ୍ଟ ପ୍ରମାଣିତ କରିଥିଲା। ଆତଙ୍କବାଦୀଙ୍କ ଧମକ ଓ ହିଂସାକାଣ୍ଡ ସତ୍ତ୍ୱେ ବିଧାନସଭା ନିର୍ବାଚନରେ ପୂର୍ବରୁ ମତଦାନ ହାର ଅପରିବର୍ତ୍ତିତ ରହିବା ନେଇ ଜନସାଧାରଣଙ୍କ ଆଗ୍ରହ, ଉତ୍ସାହ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରେ। ନିର୍ବାଚନରେ ୩୭୦ଧାରାର ପୁନଃପ୍ରତିଷ୍ଠା କେନ୍ଦ୍ରଶାସିତ ଅଂଚଳରେ ପ୍ରଭାବଶାଳୀ ଆଂଚଳିକ ଦଳମାନଙ୍କର ମୁଖ୍ୟ ନିର୍ବାଚନ ପ୍ରତିଶ୍ରୁତି ଥିବାବେଳେ ନିଷ୍ପତିରୁ ଓହରିଯିବାର ପ୍ରଶ୍ନ ଉଠୁ ନାହିଁ ବୋଲି ବିଜେପି ବାରମ୍ବାର ଘୋଷଣା କରିଛନ୍ତି। ୩୭୦ଧାରାର ପୁନଃ ପ୍ରତିଷ୍ଠା ନେଇ କଂଗ୍ରେସ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଥିବାବେଳେ ରାଜ୍ୟ ପାହ୍ୟା ପୁନଃ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଛି। ଅନ୍ୟପକ୍ଷରେ ତିନି ପର୍ଯ୍ୟାୟ ବିଶିଷ୍ଟ ବିଧାନସଭା ନିର୍ବାଚନ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେଉଥିବା ୫୦ଟି ଆସନରେ ୫୨୯ ଜଣ ପ୍ରତ୍ୟଶୀ ନାମାଙ୍କନ ଦାଖଲ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ସର୍ବାଧିକ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ସେହିପରି ଜାତୀୟ ଓ ସ୍ୱୀକୃତି ପ୍ରାପ୍ତ ଆଂଚଳିକ ଦଳମାନଙ୍କ ବ୍ୟତୀତ ସାମାଜିକ ଧାର୍ମିକ ସଂଗଠନ ଭାବେ ପରିଚିତ ଜାମତ ଇ-ଇସଲାମୀ, ଯେ କି ୨୦୧୯ ଘଟଣା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଏକ ବେଆଇନ ସଂଗଠନ ଭାବେ ଘୋଷିତ ହୋଇଛି। ଉତର ଓ ଦକ୍ଷିଣକାଶ୍ମୀରରେ ଥିବା ଆସନ ଗୁଡିକରେ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇଛି। ଏହି ସଂଗଠନ ସର୍ବଦା ବିଚ୍ଛିନ୍ନତାବାଦୀ ସଂଗଠନଗୁଡିକ ସହ ସମ୍ପର୍କ ରଖିଥିବାବେଳେ ନିର୍ବାଚନ ବର୍ଜନ ପାଇଁ ଆହ୍ୱାନ ଦେଇ ଆସୁଥିଲା। କିନ୍ତୁ ଚଳିତ ନିର୍ବାଚନରେ ଜାମତ ଇ-ଇସଲାମର ସଦସ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନରେ ଅଂଶ ଗ୍ରହଣ କରିବା ନିଶ୍ଚିତ ଭାବେ ଗଣତାନ୍ତ୍ରୀକ ପ୍ରକ୍ରୀୟା ପ୍ରତି ଆଗ୍ରହ, ଉତ୍ସାହ ସଂକେତ ବୋଲି କୁହାଯାଇପାରିବ। ସେହିପରି ବିଚ୍ଛିନ୍ନତାବାଦୀ ସଂଗଠନଗୁଡିକ ମଧ୍ୟ ଭୂଖଣ୍ଡରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଲାଗି ସେମାନଙ୍କର ଭାଗ୍ୟ ନିର୍ବାଚନରେ ପରୀକ୍ଷା କରୁଥିବା କୁହାଯାଏ। ତେବେ ସବୁଠାରୁ ଗୁରୁତ୍ୱ ଘଟଣା ହେଉଛି, ନିର୍ବାଚନ ପାଇଁ ଭୋଟ ଗ୍ରହଣ ଦିନ ପାଖେଇ ଆସୁଥିବାବେଳେ ବର୍ତ୍ତମାନ ସୁଦ୍ଧା କୌଣସି ସଂଗଠନ ନିର୍ବାଚନ ବର୍ଜନ ଲାଗି ଆହ୍ୱାନ ଦେଇନାହାଁନ୍ତି। ନିର୍ବାଚନରେ କଂଗ୍ରେସ-ଜାତୀୟ ସମ୍ମିଳନୀ ମେଂଟ କରିଥିବାବେଳେ ବିଜେପି, ପିଡିପି, ଜେ.କେ. ପିପୁଲସ କନ୍ଫରେନ୍ସ ଆଦି ଦଳ ଏକାକୀ ନିର୍ବାଚନ ଲଢୁଛନ୍ତି। ତେବେ ଏନସି, ପିଡିପି ଏବଂ ପିପୁଲସ କନ୍ଫରେନ୍ସ ଆଦି ଦଳ ୨୦୧୯ ପରେ କେନ୍ଦ୍ର ସରକାର ଗ୍ରହଣ କରିଥିବା କେତେକ ପଦକ୍ଷେପକୁ ଦୃଢ ବିରୋଧ କରିଥିବା ବେଳେ ପବ୍ଲିକ ସେଫ୍ଟି ଆକ୍ଟ (ପିଏସଏ) ରଦ୍ଦ ପାଇଁ ଦାବି କରିଛନ୍ତି। ସେହିପରି ଏନସିର ସହଯୋଗୀ କଂଗ୍ରେସ ଉପରାଜ୍ୟପାଳଙ୍କ କ୍ଷମତା, ବାହାର ଲୋକଙ୍କୁ ଜମି, ସମ୍ବଳ ଏବଂ ନିଯୁକ୍ତି ନେଇ ଉଦ୍‌ବେଗ ପ୍ରକାଶ କରିଛି। ବିଜେପି ଜାମ୍ମୁରେଜିଆନ ବ୍ୟତୀତ ଅନ୍ୟ ସମତଳ ଅଂଚଳକୁ ନିଜର ସଂଗଠନ ସଂପ୍ରସାରଣ କରିବାରେ ଲାଗିଛି। ତେବେ ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି, ବିଜେପି ଚଳିତ ନିର୍ବାଚନରେ ୧୧ଜଣ ମୁସଲିମ ପ୍ରାର୍ଥୀ କରିଛି। ଆସନ୍ତା ଅକ୍ଟୋବର ୮ ତାରିଖ ଦିନ ଭୋଟ ଗଣତି ସହ ଫଳାଫଳ ଘୋଷିତ ହେବାକୁ ଯାଉଛି। ଫଳାଫଳ ଘୋଷଣା ପରେ ଜାମ୍ମୁ-କାଶ୍ମୀର ଏକ ନୂତନ ରାଜନୈତିକ ଅଧ୍ୟାୟରେ ଉପନୀତ ହେବ, ଏହା ନିସନ୍ଦେହ ଭାରତୀୟ ୟୁନିୟନ ଓ ସମ୍ବିଧାନ ମଧ୍ୟରେ ଆତଙ୍କବାଦ ଉପଦ୍ରୁତ ଜାମ୍ମୁ-କାଶ୍ମୀରରେ ପ୍ରଗତି, ବିକାଶ ଏବଂ ଭବିଷ୍ୟତ ପାଇଁ କେନ୍ଦ୍ର ସରକାର ଏବଂ ସମସ୍ତ ରାଜନୈତିକ ଦଳଗୁଡିକ ପ୍ରସ୍ତୁତ ହେବା ଜରୁରୀ। ସେହିପରି ଜାମ୍ମୁ-କାଶ୍ମୀର ଏକ କେନ୍ଦ୍ରଶାସିତ ଅଂଚଳ ହୋଇଥିବା ସତ୍ତ୍ୱେ ଉପ-ରାଜ୍ୟପାଳଙ୍କ ଠାରୁ ନିର୍ବାଚିତ ସରକାର ଅଧିକ କ୍ଷମତା ଉପରେ ଭାଗ କରିବା ଜରୁରୀ। ଅନ୍ୟଥା ପରିସ୍ଥିତି ବିଗିଡି ଯିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯





## ମାନପତ୍ର ଖଣ୍ଡେ ଯୋଗାଡ଼ କରିଛି



**ଶିଶିର କୁମାର ପଣ୍ଡା**

ମାନପତ୍ର ଖଣ୍ଡେ ଯୋଗାଡ଼ କରିକି
ତହିଁରେ ଦେଇଛି ଅତର ବୋଳି
ପଚାରନା ମତେ କେମିତି ପାଇଲି
କାହାଠୁ ପାଇଲି ଗୋହି ମୋ ଖୋଳି।
ଯୁଆଡ଼େ ଡାକିଲେ ସିଆଡ଼େ ଯାଉଛି
ତାଳି ବି ମାରୁଛି ଧାଡ଼ିରେ ବସି
ବୁଝେ କି ନବୁଝେ କବିତା ତୁମର
ତଥାପି ଦେଉଛି ମୁରୁକି ହସି ।
ଗ୍ରାହକ ହେଉଛି ତୁମ ପତ୍ରିକାର
ଚାନ୍ଦା ବି ଦେଉଛି ଯା' କିଛି ପଡ଼େ
କବି ହେବାପାଇଁ କଉଶଳ କରି
ତୁମ ହାତଧରି ଆଗକୁ ବଢ଼େ ।

ଘରଣୀ ମୋହର ଭାରି ଖୁସି ହୁଏ
ଖବରକାଗଜେ ନାଆଁକୁ ଦେଖି
ଭଲକି ଜାଣିଛ ତୁମେ ଦାସବାବୁ
ପାରେ କି ନପାରେ କବିତା ଲେଖି ।
ସବୁଠି ଚାଲିଛି ଏଇସବୁ ଧନ୍ଦା
କାହାର ଦୋଷ ବା କେମିତି ଦେବା
ଝୁଲା ବେଏଗକୁ କାନ୍ଧରେ ଓଳେଇ
କବିବୋଲି ଯାହା ଦେଖେଇ ହେବା ।


କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ବଡ଼ ବିଚିତ୍ର ନ୍ୟାୟ

**ଦୀପକ କୁମାର ନାଏକ**



ଝିଅ ହେଉପଛେ ଯେତେବି ଉଦଣ୍ଡୀ
ମାଆ ପାଇଁ ସିଏ ଭଲ
ଭାତ ଟିକେ ଯଦି ଜାଉ ହୋଇଯାଏ
ବୋହୂ ହୁଏ କଲବଲ !!
ମା ସାହସ ଦିଏ ଝିଅକୁ ତାହାର
ଡରିବୁନି ଶାଶୁ ଘରେ
ସେହି ମାଆ ଯେବେ ଶାଶୁ ବନିଯାଏ
ବଧୂ ନିର୍ଯ୍ୟାତନା କରେ !!
ଝିଅ ଫେସବୁକ୍ ଓ ରିଲ୍ସ ଭିଡିଓରେ
ଦେଖାଏ ଫୁଙ୍ଗୁଳା ଦେହ
ବୋହୂର ଟିକିଏ ଲୁଗା ଖସିଗଲେ
ଶାଶୁ ମୋଡୁଥାଏ ମୁହଁ !!
ଝିଅ ଜନ୍ମ ଦେଲେ ଯେତେବି ଝିଅ
ମାଆ କହେ ସୁଲକ୍ଷଣୀ
ବୋହୂ ଗୋଟେ ଝିଅ ଜନ୍ମ
କରିଦେଲେ
ଶାଶୁ ପାଇଁ ଅଲକ୍ଷଣୀ !!
ଝିଅ ଯେତେ ଭୂଲ୍ କରିଥାଉ ପଛେ
ମାଆ କହେ ସର୍ବଗୁଣୀ
ବୋହୂ ଯଦି କିଛି ଭୂଲ୍ କରିଦିଏ
ଶାଶୁ ପାଇଁ କଳଙ୍କିନୀ !!
ପରଝିଅ ଲାଗି ଘରଭାଙ୍ଗେ ବୋଲି
ଶାଶୁ କହୁଥାଏ ନୀତି
ନିଜେ ପର ଝିଅ ବୋଲି ସିଏ ନିଜେ
ଏକଥା କି ଭୂଲିଯାନ୍ତି !!
ଯେଉଁଦିନ ଶାଶୁ ବୁଝିଣ ପାରିବ
ବୋହୂ ଅଟେ ଝିଅ ପରି
ସେହିଦିନ ଘର ସ୍ୱର୍ଗ ବନିଯିବ
ନିର୍ଯ୍ୟାତନା ଯିବ ସରି
ବଧୂ ନିର୍ଯ୍ୟାତନା ଯିବ ସରି !!


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ , ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍ -୭୫୯୦୨୧
ମୋ: ୮୬୩୭୨୬୧୮୨୮


## ଅଭୁଲା ଏକ ସମ୍ପର୍କ

**ଶୁଭେନ୍ଦୁ ମେହେର**

ଆଜି କାହିଁକି......!
ଖାଁ ଖାଁ ଲାଗେ ମୋ' ଘର ଅଗଣା
ପ୍ରତି ମୁହୂର୍ତ୍ତ ଲାଗେ ବଣା ବଣା,
ସକାଳେ ପୂର୍ବରୁ ଘର ସରସର
ମହ ମହ ମଧୁରତା,
ସ୍ନେହ ମମତାର ଅମୃତ ଝର।
ଗୋଟିଏ ବର୍ଷର ଅପେକ୍ଷା ପରେ
ଜୀବନ୍ୟାସ ପାଇ ସାରିଥିବା
ଏ କୁଟୀର ଆଜି
ବନ୍ଧ୍ୟା ପରି ସନ୍ଧ୍ୟା କାଟେ,
ମୋ' ଘର ଉପରୁ
ଆକାଶ ଉଭାନ ହେଲାପରି ଲାଗେ।

ଅପର୍ଣ୍ଣା ଓ ଅନ୍ନପୂର୍ଣ୍ଣା ରୂପେ
ଆଞ୍ଜୁଳିଏ ଉଲ୍ଲାସ ଭରି
ଅସ୍ମିତାର ସଶକ୍ତ ବନ୍ଧନ ଦେଇ
ଦୁର୍ଗମ ପଥକୁ ବେଖାତିର କରି
ଶୂନ୍ୟ ଇଲାକାର ଇତିହାସ ଲେଖି
ଆସିଥିବା ପାଦରେ
ପାଦ ମିଳାଇ ଫେରିବା
ଯନ୍ତ୍ରଣା ଦେଲା।

ସେ ବିଦାୟ ବିଦାୟ ନଥିଲା
କେବଳ ମୋ ଶରୀରରୁ
ଜୀବନକୁ କାଢ଼ି ନିଆଗଲା।

ଦେଖିବ ଆସ
କେମିତି ସବୁ ଆବିଳତା
ବାତ୍ସଲ୍ୟ ପ୍ରେମ ଆଉ ଅତ୍ମୀୟତା
ଚିରସ୍ରୋତା ହୋଇ ବହିଯାଏ
ନୟନ ଯୁଗଳେ।

ଅବିସ୍ମରଣୀୟ ଅତୁଳନୀୟ
ଏକାନ୍ତ ଆତ୍ମୀୟ
ପଞ୍ଜରା ଥରାଏ
ହିଆ ହରାଏ
ଯନ୍ତ୍ରଣା ଦିଏ
ଲୁହ ହୋଇ ବହିଯାଏ ।

ଏତେ ସବୁ ପ୍ରତିଦାନ
ସୁଝିବାକୁ ବେଳ କାହିଁ ଯେ,
ପିତୃ ମାତୃ ଋଣରେ ଭାରାକ୍ରାନ୍ତ
ଏ ଅଯୋଗ୍ୟର ଦୁର୍ବଳ ପିଠି,
ସ୍ମୃତି ସବୁ କେବଳ ଘୁରୁଛି
ଏଠି ସେଠି ସବୁଠି।

ଦେବୀ ! କଣ ଦେବି !
ଏଠି ତ ଶୂନ୍ୟ ଶୂନ୍ୟ ମହାଶୂନ୍ୟ।
ପାର୍ବଣର ପ୍ରତ୍ୟୁଷରେ
ଆଉଥରେ ଆସ
ଏ ଶରୀରରେ ସଞ୍ଚରିଦିଅ
ଅମୃତ ସୁବାସ।

ପାରିବ ଯଦି ପର ଜନ୍ମରେ
ସେ' ସୁଯୋଗ ଦେବ।
ଗୋପ ହେଉ କି' ମଥୁରା
ବୃନ୍ଦାବନ ହେଉ କି' ଦ୍ୱାରକା
ସେସବୁ ଲୋଡ଼ା ନାହିଁ ମୋର,
ଆଗାମୀ ଜନ୍ମରେ
କନ୍ୟା ରତ୍ନଟିଏ ହୋଇ
ଏ ଋଣରୁ ମୋତେ ମୁକ୍ତ କର।

ଯାଲୋଏ, ସୁବର୍ଣ୍ଣପୁର

# ଐଶ୍ୱର୍ଯ୍ୟାଙ୍କ ପାଖରେ ଆମ ପାଇଁ ସମୟ ନାହିଁ: ଜୟା



ବଲିଉଡର ସବୁଠାରୁ ପ୍ରିୟ ଦମ୍ପତିମାନଙ୍କ ମଧ୍ୟରୁ ବିବେଚିତ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ମଧ୍ୟରେ ମତଭେଦ ଅଛି ବୋଲି ଚର୍ଚ୍ଚା ହେଉଛି। ଉଭୟଙ୍କୁ ବହୁ କାର୍ଯ୍ୟକ୍ରମରେ ଅଲଗା ଅଲଗା ରହିଥିବାର ଦେଖାଯାଇଛି। ଅନେକ ଥର ଏକୁଟିଆ ନଜର ଆସିଥିବା ଐଶ୍ୱର୍ଯ୍ୟାଙ୍କୁ ଗଣପତିଙ୍କ ପୂଜାରେ ମଧ୍ୟ ଏକୁଟିଆ ଦେଖିବାକୁ ମିଳିଥିଲା ଏବଂ ପରେ ବଚ୍ଚନ ପରିବାରରେ କିଛି ଗଡ଼ବଡ଼ ରହିଛି ବୋଲି ଗୁଜବ ଆରମ୍ଭ ହୋଇଥିଲା। ତେବେ ଉଭୟ ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। ଶୁଣିବାକୁ ମିଳୁଛି ଯେ କେବଳ ଅଭିଷେକଙ୍କ ସହ ନୁହେଁ ଶାଶୁ ଜୟା ବଚ୍ଚନ ଏବଂ ଶ୍ୱଶୁର ଅମିତାଭ ବଚ୍ଚନଙ୍କ ସହ ଐଶ୍ୱର୍ଯ୍ୟାଙ୍କ ସମ୍ପର୍କ ମଧ୍ୟ ବିଗିଡି ଯାଇଛି।ଏପରି ସମୟରେ ଜୟା ବଚ୍ଚନଙ୍କ ଏକ ପୁରୁଣା ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଜୟା ଐଶ୍ୱର୍ଯ୍ୟା ସହିତ ତାଙ୍କ ସମ୍ପର୍କ ବିଷୟରେ କଥା ହୋଇଥିଲେ।

ନିକଟରେ ଐଶ୍ୱର୍ଯ୍ୟା ରାୟ ଝିଅ ଆରାଧ୍ୟାଙ୍କ ସହ 'ଜଲସା' ବାହାରେ ନଜର ଆସିଥିଲେ। ଯେତେବେଳେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଲୋକମାନେ ଭାବିଥିଲେ ଯେ ପରିବାରରେ ସବୁକିଛି ଠିକ ଅଛି। କିନ୍ତୁ କିଛି ଦିନ ପରେ ଗଣପତିଙ୍କ ପୂଜା ପେଣ୍ଡାଲରେ ଐଶଙ୍କୁ ଏକୁଟିଆ ଦେଖିବା ପରେ ଲୋକମାନଙ୍କ ମନରେ ପୁଣି ପ୍ରଶ୍ନ ଉଙ୍କି ମାରିବା ଆରମ୍ଭ କରିଛି। ଏହି ଭିଡିଓଗୁଡିକ ଭାଇରାଲ ହେବା ପରେ ଲୋକମାନେ ପୁନର୍ବାର ଜୟା ବଚ୍ଚନଙ୍କ ସାକ୍ଷାତକାରକୁ ମନେ ପକାଇଛନ୍ତି, ଯେଉଁଥିରେ ସେ ତାଙ୍କ ବୋହୂ ବିଷୟରେ କହିଥିଲେ। ପୁଅ ଅଭିଷେକଙ୍କ ବିବାହ ପରେ ଜୟା ବଚ୍ଚନ ରେଡିଫକୁ ଦେଇଥିବା ଏକ ସାକ୍ଷାତକାରରେ ବୋହୂ ଐଶ୍ୱର୍ଯ୍ୟାଙ୍କ ବିଷୟରେ କହିଥିଲେ। ସେମାନଙ୍କ ମଧ୍ୟରେ କି ପ୍ରକାର ସମ୍ପର୍କ ଅଛି ବୋଲି ସେ ଖୋଲି କହିଥିଲେ।

ସେ କହିଥିଲେ ଯେ ଐଶ୍ୱର୍ଯ୍ୟାଙ୍କ ପିଠି ପଛରେ ସେ ରାଜନୀତି କିମ୍ବା ଷଡଯନ୍ତ୍ର କରନ୍ତି ନାହିଁ। ସେ କହିଥିଲେ ଯେ ତାଙ୍କ ଏବଂ ମୋର ସମ୍ପର୍କ ହେଉଛି ବନ୍ଧୁମାନଙ୍କ ପରି। ଆମେ ଦୁହେଁ ବନ୍ଧୁ। ଯଦି ସେ କିଛି କୁହନ୍ତି ମୋତେ ଭଲ ଲାଗେ ନାହିଁ, ମୁଁ ଏହାକୁ ତାଙ୍କ ମୁହଁକୁ କହିଥାଏ। ମୁଁ ତାଙ୍କ ପିଠି ପଛରେ ରାଜନୀତି କରେ ନାହିଁ। ଯଦି ସେ ମୋ ସହ କୌଣସି କଥାରେ ସହମତ ନ ନୁହଁନ୍ତି, ତେବେ ସେ ଏହାକୁ ନିଜେ ପ୍ରକାଶ କରନ୍ତି।

ସମ୍ମାନଜନକ ଆଚରଣର ଆଶା କରି, ଜୟା ଆହୁରି କହିଥିଲେ ଯେ ମୁଁ ଟିକିଏ ଅଧିକ ନାଟକୀୟ ହୋଇପାରେ ଏବଂ ତାଙ୍କୁ ମତେ ଟିକିଏ ଅଧିକ ସମ୍ମାନଜନକ ଦେବାକୁ ପଡ଼ିବ। ଆପଣ ଜାଣନ୍ତି ମୁଁ ବର୍ତ୍ତମାନ ବୁଢ଼ୀ ହେବାରେ ଲାଗିଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ଘରେ ବସି କଥାବାର୍ତ୍ତା କରିବାକୁ ଉପଭୋଗ କରୁଛୁ। କିନ୍ତୁ କେବଳ ଆମେ ଦୁହେଁ । ଯଦିଓ ଐଶ୍ୱର୍ଯ୍ୟା ପାଖରେ ଆମ ପାଇଁ ଅଧିକ ସମୟ ନାହିଁ। ଐଶ୍ୱର୍ଯ୍ୟା ଯାହା ବି କରନ୍ତି, ଆମେ ଏହାକୁ ଉପଭୋଗ କରୁ। ତାଙ୍କ ସହିତ ମୋର ବହୁତ ଭଲ ସମ୍ପର୍କ ଅଛି।

ଜୟା କରଣଙ୍କ ସହ କଫିର ପୁରୁଣା ଏପିସୋଡରେ ଐଶ୍ୱର୍ଯ୍ୟାଙ୍କ ବିଷୟରେ ମଧ୍ୟ କହିଥିଲେ। ସେ କହିଥିଲେ, ଅମିତ ଜୀ ଐଶ୍ୱର୍ଯ୍ୟାଙ୍କୁ ଦେଖିବା ମାତ୍ରେ ଆମ ଝିଅ ଶ୍ୱେତା ବଚ୍ଚନ ଘରକୁ ଆସୁଥିବାର ଭାବନ୍ତି। ତାଙ୍କ ଆଖି ଖୁସିରେ ଉଜ୍ଜ୍ୱଳ ହୋଇ ଉଠିଥାଏ।

ଜୟା କହିଥିଲେ ଯେ ଶ୍ୱେତାଙ୍କ ବିବାହ ପରେ ସେ ଅନୁଭବ କରିଥିବା ଶୂନ୍ୟସ୍ଥାନ ଐଶ୍ୱର୍ଯ୍ୟା ପୂରଣ କରିଥିଲେ। ଶ୍ୱେତା ପରିବାରରେ ନାହାଁନ୍ତି, ସେ ବାହାରେ ଅଛନ୍ତି ଏବଂ ସେ ଏବେ ଜଣେ ବଚ୍ଚନ ନୁହଁନ୍ତି ବୋଲି ଆମେ କଦାପି ସଜାଡି ପାରିଲୁ ନାହିଁ। ତାଙ୍କ ବୋହୂକୁ ପ୍ରଶଂସା କରି ସେ କହିଥିଲେ, ସେ ସୁନ୍ଦର, ମୁଁ ତାଙ୍କୁ ଭଲ ପାଏ। ସେ ନିଜେ ଏତେ ବଡ଼ ତାରକା। ସେ ଜଣେ ଶକ୍ତିଶାଳୀ ମହିଳା ଏବଂ ତାଙ୍କର ବହୁତ ସମ୍ମାନ ଅଛି ।



# ଜୀବନ ହାରିବା ପୂର୍ବରୁ ଦୁଇଝିଅଙ୍କୁ ଫୋନ କରି ଅନିଲ କହିଥିଲେ ଏଭଳି କଥା...

ବଲିଉଡ ଅଭିନେତ୍ରୀ ମଲାଇକା ଆରୋରାଙ୍କ ବାପା ଅନିଲ ଆରୋରା ବୁଧବାର ବାନ୍ଦ୍ରାସ୍ଥିତ ଘର ବାଲକୋନିରୁ ଡେଇଁ ଜୀବନ ହାରି ଦେଇଛନ୍ତି। ଅନିଲଙ୍କ ଏଭଳି ମୃତ୍ୟୁ ଆରୋରା ପରିବାରକୁ ଭାଙ୍ଗି ଦେଇଛି। ଅନିଲଙ୍କ ଦୁଇଝିଅ ମଲାଇକା ଓ ଅମୃତା ବାପାଙ୍କୁ ହରାଇ ସ୍ତବ୍ଧ ହୋଇଯାଇଛନ୍ତି। ପୁଲିସ ମଲାଇକାଙ୍କ ବାପଙ୍କ ମୃତ୍ୟୁର ଯାଞ୍ଚ କରୁଛି। ଏଭଳି ପରିସ୍ଥିତିରେ ମଲାଇକା ଓ ତାଙ୍କ ପରିବାରଲୋକଙ୍କୁ ସମ୍ପର୍କୀୟ ଓ ସାଙ୍ଗମାନେ ସମ୍ଭାଳିଛନ୍ତି। ପ୍ରକାଶିତ ରିପୋର୍ଟ ମୁତାବକ, ଅନିଲ ଜୀବନ ହାରିବା ପୂର୍ବରୁ ତାଙ୍କ ଦୁଇଝିଅ ମଲାଇକା ଓ ଅମୃତାଙ୍କ ସହିତ କଥା ହୋଇଥିଲେ। ମଲାଇକାଙ୍କ ସହିତ କଥା ହେବା ସମୟରେ ଅନିଲ କହିଥିଲେ, 'ଝିଅରେ ମୁଁ ଅସୁସ୍ଥ ଓ କ୍ଳାନ୍ତ। ' ଏତିକି କହି ଫୋନ କାଟି ଦେଇଥିଲେ। ଘରଲୋକ ଭିତରେ ଥିବା ବେଳେ ଅନିଲ ସିଗାରେଟ ଧରି ବାଲକୋନିକୁ ଯାଇଥିଲେ। ଏହାପରେ କେହି କିଛି ବୁଝିବା ପୂର୍ବରୁ ସେ ବାଲକୋନିରୁ ତଳକୁ ଡେଇଁ ଜୀବନ ହାରି ଦେଇଥିଲେ। ଅନିଲଙ୍କ ସାନ ଝିଅ ଅମୃତା ବାପାଙ୍କ ମୃତ୍ୟୁକୁ ବିଶ୍ୱାସ କରି ପାରୁନାହାନ୍ତି। ଘରସାରା ପାଗିଳିପ୍ରାୟ ହୋଇ ଘୁରି ବୁଲୁଛନ୍ତି। ବାପାଙ୍କ ଫଟୋକୁ ଦେଖି ଝୁରିଝୁରି ଅଚେତ ହୋଇପଡୁଛନ୍ତି। ବାପାଙ୍କ ମୃତ୍ୟୁ ଖବର ପାଇ ଘରେ ପହଞ୍ଚିବା ସମୟରେ ଅନିଲ ବାଲକୋନିରୁ ତଳକୁ ଡେଇଁ ଯେଉଁସ୍ଥାନରେ ପଡ଼ି ଜୀବନ ହାରି ଦେଇଥିଲେ ସେ ସ୍ଥାନକୁ ଦେଖି ଅମୃତା ସ୍ତବ୍ଧ ହୋଇଯାଇଥିଲେ। ନିଜକୁ ସମ୍ଭାଳି ପାରି ନଥିଲେ।

# ସଲମାନଙ୍କ ଘରର ବିଜୁଳି ବିଲ୍ କରିବ ଆଶ୍ଚର୍ଯ୍ୟ

ଗତ କିଛି ଦିନ ହେବ ହତ୍ୟା ଧମକ ମିଳୁଥିବାରୁ ଚର୍ଚ୍ଚାରେ ଅଛନ୍ତି ବଲିଉଡର ଟାଇଗର ସଲମାନ ଖାନ୍ । ତାଙ୍କ ଘର ଉପରେ ଆକ୍ରମଣ ହେବାରୁ ଏବେ ଅଭିନେତାଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି। ହତ୍ୟା ଧମକ ପରେ କିଛି ଦିନ ସୁଟିଂ ବନ୍ଦ କରିବା ପରେ ଏବେ ସୁଟିଂ ସେଟକୁ ଫେରିଛନ୍ତି ଅଭିନେତା।

ତେବେ ଫିଲ୍ମ, ରିୟାଲିଟି ସୋ', ବିଜ୍ଞାପନ ଓ ବ୍ୟବସାୟରୁ କୋଟି କୋଟି ଟଙ୍କା ଆୟ କରୁଥିବା ସଲମାନଙ୍କ ଘରର ବିଜୁଳି ବିଲ୍ କେତେ ଆପଣ ଜାଣନ୍ତି କି ? ସଲମାନ ବାନ୍ଦ୍ରାରେ ଥିବା ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ରହନ୍ତି। ଏହି ଆପାର୍ଟମେଣ୍ଟର ମାସିକ ବିଜୁଳି ବିଲ୍ ୨୩-୨୫ଲକ୍ଷ ଟଙ୍କା ବୋଲି ଅନେକ ଜାତୀୟ ଗଣମାଧ୍ୟମ ଦାବି କରିଛନ୍ତି। ଏଥିରେ କେତେ ସତ୍ୟତା ରହିଛି ତାହା ସାମ୍ନାକୁ ଆସିନାହିଁ।

ଏବେ ଅଭିନେତା ନିଜର ଆଗାମୀ ଫିଲ୍ମ 'ସିକନ୍ଦର'କୁ ନେଇ ଚର୍ଚ୍ଚାରେ । ଏଥିରେ ତାଙ୍କ ସହ ପ୍ରଥମ କରି କାମ କରିବେ ଅଭିନେତ୍ରୀ



ରଶ୍ମିକା ମନ୍ଦନା। ରଶ୍ମିକାଙ୍କ ବ୍ୟତୀତ ଅଭିନେତ୍ରୀ କାଜଲ ଅଗ୍ରୱାଲ ମଧ୍ୟ ଏହି ଫିଲ୍ମରେ ଏଣ୍ଟ୍ରି କରିଥିବା କୁହାଯାଉଛି। ତେବେ କାଜଲଙ୍କ ଚରିତ୍ର କ'ଣ ରହିବ, ତାହା ସାମ୍ନାକୁ ଆସିନାହିଁ।

# କେତେ ଆଉ ସୋ' କରିବ, ଏବେ ଫିଲ୍ମ ବି କର; କରଣଙ୍କୁ ଟ୍ରୋଲ କଲେ ଶାହରୁଖ

ବଲିଉଡର ବାଦଶାହ ଶାହରୁଖ ଖାନ ଏବଂ ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର ଆଗକୁ ଆୱାର୍ଡ ସୋ' ଆଇଫାର ଉପସ୍ଥାପକ ହେବାକୁ ଯାଉଛନ୍ତି। ଏନେଇ ଦୁହେଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆବୁଧାବିର ୟାସ ଦ୍ୱୀପରେ ଆଇଫା-୨୦୨୪ର ଆୟୋଜନ କରାଯାଉଛି। ଏବେ ସମସ୍ତ ପ୍ରକାରର ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ବେଳେ ଶାହରୁଖ ଓ କରଣଙ୍କ ମଜାମସ୍ତିର ଭିଡିଓ ଭାଇରାଲ ହେଉଛି।

ଆଇଫା ସାମ୍ବାଦିକ ସମ୍ମିଳନୀରେ ଦୁହେଁ କରିଥିବା ମଜାମସ୍ତିର ଭିଡିଓ ଏବେ ଭାଇରାଲ ହେଉଛି । ଭିଡିଓରେ ଶାହରୁଖ, କରଣଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି। କିଛି ବର୍ଷ ହେବ କଫି ଉଇଥ୍ କରଣ ଓ ଆଇଫା ସହ ଅନ୍ୟ ସୋ'ର ଉପସ୍ଥାପକ ହେଉଛନ୍ତି ବଲିଉଡ ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର। ଏହାକୁ ଦେଖି ସୋ' ଛାଡ଼ି ଏବେ ଫିଲ୍ମ କର ବୋଲି କହିଛନ୍ତି ଶାହରୁଖ।

ସାମ୍ବାଦିକ ସମ୍ମିଳନୀରେ ଶାହରୁଖ କହିଥିଲେ, 'କରଣ ଅଇଫା ପାଇଁ ଆବୁଧାବି ନଆସି ମୋ ସହ ଜୁମ କଲରେ ଅଭ୍ୟାସ କରିବେ ବୋଲି କହିଥିଲେ। କାରଣ ପଚାରିବାରୁ ସେ କହିଥିଲେ, ମୁଁ କରିପାରିବି। ଚିନ୍ତା କରନାହିଁ। ବର୍ଷକ ମଧ୍ୟରେ ମୁଁ ଏକାଧିକ ସୋ'ର ଉପସ୍ଥାପକ ହେଉଛି। ଏଇଟା ବଡ଼ କଥା ନୁହେଁ। କରଣ ଚାଟ୍ ସୋ' ହୋଷ୍ଟ କରୁଛନ୍ତି। ଆଇଫା ବି ହୋଷ୍ଟ କରୁଛନ୍ତି। ଫିଲ୍ମ ବି ତିଆରି କର ମୋ ଭାଇ।' ଏହା ଶୁଣି କରଣ କହିଥିଲେ ଯେ, 'ସିଦ୍ଧାନ୍ତ ଚର୍ତୁବେଦୀ ମଧ୍ୟ ସମାନ କଥା ମୋତେ କହିଥିଲେ। ଫିଲ୍ମ ନିର୍ମାତା ଭାବେ ଏହା ଶୁଣିବା କଷ୍ଟଦାୟକ। ମୋତେ ଏବେ ଅଧିକ ଫିଲ୍ମ ନିର୍ମାଣ କରିବା ଉଚିତ୍ ଏବଂ ମୁଁ କରୁଛି ମଧ୍ୟ।'




# ଯୁବକ ଭିଡିଓ ରେକର୍ଡ କରୁଥିବା ଜାଣି ବିରାଟ ଦେଇଥିବା ପ୍ରତିକ୍ରିୟା ହେଲା ଭାଇରାଲ



ଅନୁଷ୍କା ଶର୍ମା ମୁମ୍ବାଇରେ ଲଗାତାର ଦୁଇଟି ଇଭେଣ୍ଟରେ ଭାଗ ନେବା ପରେ ଲଣ୍ଡନ ଫେରିଛନ୍ତି। ତାଙ୍କ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲିଙ୍କ ସହ ତାଙ୍କର ଏକ ଭିଡିଓ ଭାଇରାଲ ହେବା ପରେ ଏହା ଜଣାପଡ଼ିଛି। ଭିଡିଓରେ ଅକାୟ କୋହଲିଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଭାଇରାଲ ହେଉଥିବା ଭିଡିଓରେ ବିରାଟଙ୍କ ପ୍ରତିକ୍ରିୟା ଲୋକଙ୍କୁ ହସାଇଛି।

ଭିଡିଓରେ ଦେଖାଯାଇଛି ଯେ, ବିରାଟ-ଅନୁଷ୍କା ରାସ୍ତା କଡ଼ରେ ଠିଆ ହୋଇଛନ୍ତି। ଅନୁଷ୍କାଙ୍କ ହାତରେ ଅକାୟ କୋହଲି ଥିବା ବେଳେ ବିରାଟ ଫୋନ ଧରିଛନ୍ତି। ଏହା ପରେ ବିରାଟ ନିଜ ବାମ କଡ଼କୁ ଦେଖୁଛନ୍ତି। କିଛି ଦୂରରେ ଜଣେ ବ୍ୟକ୍ତି ଭିଡିଓ ରେକର୍ଡ କରୁଥିବା ଦେଖି ସେ ତାଙ୍କୁ ବଡ଼ ବଡ଼ ଆଖି କରି ଦେଖିବା ପରେ ଅନୁଷ୍କାଙ୍କ ଆଡକୁ ଦେଖୁଛନ୍ତି। ଏହା ପରେ ଅନୁଷ୍କା ଭିଡିଓ ରେକର୍ଡ କରୁଥିବା ବ୍ୟକ୍ତିଙ୍କୁ ଦେଖୁଛନ୍ତି। ଭିଡିଓଟି ସେଇଠି ଶେଷ ହୋଇଥିବା ବେଳେ ବିରାଟଙ୍କ ପ୍ରତିକ୍ରିୟା ପାଇଁ ଭିଡିଓଟି ଭାଇରାଲ ହେଉଛି। ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା କିଛି ସମୟ ପୂର୍ବରୁ ପୁଅ ଅକାୟଙ୍କୁ ଜନ୍ମ ଦେଇଥିଲେ। ସେବେଠାରୁ ଅଭିନେତ୍ରୀ ତାଙ୍କ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲି ଏବଂ ଝିଅ ଭାମିକାଙ୍କ ସହ ଲଣ୍ଡନରେ ରହୁଛନ୍ତି। କିଛି ମାସ ହେବ ପୂରା ପରିବାର ଲଣ୍ଡନରେ ରହୁଥିବାରୁ ବିରୁଷ୍କା ଲଣ୍ଡନକୁ ସ୍ଥାନାନ୍ତର ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। କିଛି ଦିନ ତଳେ ଅନୁଷ୍କା ଭାରତ ଫେରିଥିଲେ। କିଛି ଇଭେଣ୍ଟରେ ଯୋଗ ଦେବା ପରେ ସେ ପୁଣି ଲଣ୍ଡନ ଫେରିଛନ୍ତି। ନିଜ ପିଲାଙ୍କୁ ସାଧାରଣ ଜୀବନ ଦେବା ପାଇଁ ଦୁହେଁ ଲଣ୍ଡନରେ ରହୁଥିବା କୁହାଯାଉଛି।

# ଓଡ଼ିଶୀ ନୃତ୍ୟକୁ ମୁଁ ଭଲ ପାଏ: କମଳ ଲୋଚନ ବେହେରା



ଓଡିଶାର କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯୁବ କବି କମଳ ଲୋଚନ ବେହେରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ରହଣିଆଗଞ୍ଜ ଗ୍ରାମରେ ୨୦୦୬ ମସିହାରେ ସେ ଜନ୍ମ ଲାଭ କରନ୍ତି । ତାଙ୍କର ପିତା ରାମ ଚନ୍ଦ୍ର ବେହେରା ଓ ମାତା ଜ୍ୟୋସ୍ନା ରାଣୀ ବେହେରା। ବର୍ତ୍ତମାନ ଶ୍ରୀ ବେହେରା ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସୋର ରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବିଜ୍ଞାନ ପଢୁଛନ୍ତି ଉଦ୍ଭିଦ ବିଜ୍ଞାନ ସମ୍ମାନ ରଖିଛନ୍ତି । କଳା ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ନୃତ୍ୟ ସଂପର୍କରେ ତାଙ୍କୁ ପ୍ରଶ୍ନ ପଚାରିଲେ ସେ କୁହନ୍ତି ମୋତେ ଓଡ଼ିଶୀ ନୃତ୍ୟ ଖୁବ୍ ଭଲ ଲାଗେ। ପୁରାତନ ଓଡ଼ିଆ ଚଳଚ୍ଚିତ୍ର, ଯାତ୍ରା ଜଗତର ଭିନ୍ନ ସ୍ୱାଦର ନାଟକ, ସୌଖିନ ରଂଗ ମଞ୍ଚ,ସିରିଏଲ ପ୍ରଭୃତି ଦେଖିବାକୁ ତାଙ୍କୁ ଭଲ ଲାଗେ । ବୃକ୍ଷ ରୋପଣ, ସମାଜ ସେବା ପ୍ରଭୃତି କାର୍ଯ୍ୟ କରିବାକୁ ତାଙ୍କୁ ଖୁବ ଭଲ ଲାଗେ । ଖୁବ୍ ସୁନ୍ଦର କବିତା ଲେଖନ୍ତି ଯୁବ କବି କମଳ ଲୋଚନ । ତାଙ୍କର ପ୍ରିୟ ସାହିତ୍ୟିକ ବନ୍ଧୁ ମାନେ ହେଲେ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ,କବି ଡକ୍ଟର ବ୍ରଜ ନାଥ ରଥ, କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରି ସାହୁ,ନିହାରକନ୍ୟାର ସମ୍ପାଦକ କବି ସୁରଞ୍ଜନ ପାତ୍ର, ଶଙ୍ଖବେଳାର ସମ୍ପାଦକ ଚନ୍ଦ୍ର ମୋହନ ମହାପାତ୍ର, ଗଣିତ ଅଧାପକ ମନିନ୍ଦ୍ର ଦୀକ୍ଷିତ ମୁନା ସାର୍ ଓ ଆହୁରି ଅନେକ । ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ଯେଉଁ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ହୁଏ ସେଥିରେ କମଳ ଲୋଚନ ଖୁବ୍ ସୁନ୍ଦର କବିତା ଆବୃତ୍ତି କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଡକ୍ଟର ଏ ପି ଜେ ଅବଦୁଲ କାଲାମ ଜାତୀୟ ପୁରସ୍କାର, ଉତ୍କଳୀୟ ଉତ୍କର୍ଷ ପୁରସ୍କାର, ଉତ୍କଳ ସାହିତ୍ୟ ସମ୍ମାନ, ଜ୍ଞାନ ପ୍ରକାଶ ଯୁବ କବି ସମ୍ମାନ, ମାୟାଧର ପାଢୀ ସ୍ମୃତି ସଂସଦ ପକ୍ଷରୁ ଯୁବ କବି ସମ୍ମାନ, କବିବର ରାଧାନାଥ ରାୟ କବିତା ସମ୍ମାନ ପ୍ରଭୃତି ଯୁବ କବି କମଳ ଲୋଚନ ଲାଭ କରିଛନ୍ତି । ଭବିଷ୍ୟତରେ କମଳ ଲୋଚନ ଜଣେ ପ୍ରଫେସର ହୋଇ ପିଲାମାନଙ୍କୁ ପାଠ ପଢ଼ାଇବେ ଓ ଗବେଷଣା କରି ଦେଶ ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି । ଏହି ଯୁବକବି କମଳ ଲୋଚନଙ୍କ ପ୍ରିୟ ଭାରତୀୟ ହେଲେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସ୍ୱାମୀ ବିବେକାନନ୍ଦ, ଉତ୍କଳ ମଣି ଗୋପବନ୍ଧୁ, ବ୍ୟାସ କବି ଫକୀର ମୋହନ ସେନାପତି, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର । କମଳ ଲୋଚନଙ୍କର ତ୍ୟାଗ, ନିଷ୍ଠା ଓ ଏକାଗ୍ରତା ରହିଛି ତଥା ଉପଯୁକ୍ତ ସାଧନା କରି ସେ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ହସ ହସ ମୁହଁ ଓ ମିଠା ମିଠା କଥାରେ ସେ ସମସ୍ତଙ୍କୁ ଆପଣାର କରି ନିଅନ୍ତି । ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଆମର ଏତିକି କାମନା।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ପୋଟେରୁ ପୋଲ ମରାମତି ପରେ ୩୨୬ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହେଲା

ମାଲକାନାଗିରି, ୧୨/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସୁଧୁରୁଛି ବନ୍ୟା ପରିସ୍ଥିତି । ପୋଟେରୁ ପୋଲ ନିର୍ମାଣ ପରେ ଜାତୀୟ ରାଜପଥ ଉପରେ ଯାନବାହନ ଚଳାଚଳ ସ୍ୱଭାବିକ ହୋଇଛି ।ତେବେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କିନ୍ତୁ ବଢିବାରେ ଲାଗିଛି । ଦୋକାନ ବଜାର ରେ ପାଣି ମାଡି ଯିବାରୁ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟୀକ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ହେକ୍ଟର ହେକ୍ଟର ଚାଷ ଜମି ବାଲିଚର ପାଲଟିଛି । ତେବେ କ୍ଷୟକ୍ଷତିର ଆକଳନ ପରେ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡିଛି । କିଏ ଘର ଭିତରୁ କାଦୁଅ ଭରା ଆସବାବପତ୍ର ସଫା କରୁଛି, ତ ଆଉ କିଏ ଉଜୁଡି ଯାଇଥିବା ଦୋକାନ ବଜାରକୁ ପୁନର୍ବାର ସାଜାଡିବାରେ ବ୍ୟସ୍ତ ଅଛି । ସମସ୍ତଙ୍କୁ ବ୍ୟଥିତ କରିଛି ମାଲକାନଗିରି ବନ୍ୟାର ପରର ଚିତ୍ର । ମାଲକାନଗିରି ଜିଲ୍ଲାରେ ବନ୍ୟା ସ୍ଥିତିରେ ଧିରେ ଧିରେ ସୁଧାର ଆସୁଥିବାବେଳେ ଜନଜୀବନ ସ୍ୱଭାବିକ ହେଉଛି । ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବା ବେଳେ ବିଦ୍ୟୁତ ଓ ଟେଲିଫୋନ ସେବା ସ୍ୱାଭାବିକ ହୋଇଛି । ଜଳସ୍ତର କମିଛି କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । କିଛି ବୁଝିବା ପୂର୍ବରୁ ରବିବାର ମଧ ରାତିରେ ହଠାତ ନଇ ପାଣି ମାଡି ଆସି ଥିବାରୁ ଲୋକଙ୍କ ଘର ଦ୍ୱାର ସହ ଦୋକାନ ବଜାରରେ ଜଳମଗ୍ନ ହୋଇ ପଡିଥିଲା । ଲୋକେ ନିଜ ଜୀବନ ବଂଚାଇ ସୁରକ୍ଷିତ ସ୍ଥାନକୁ ପଳାଇଥିଲେ। ଲୋକଙ୍କ ଆସବାବପତ୍ର କିନ୍ତୁ ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି ।ଗତ ଦୁଇ ଦିନର ବନ୍ୟା ଯୋଗୁ ପୋଟେରୁ ପୋଲ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମରାମତି ପରେ ଅତି ସତର୍କତାର ସହ ଗୋଟିଏ ପରେ ଗୋଟିଏ କରି ଯାନବାହାନ ଚଳାଚଳ ଆରମ୍ଭ ହୋଇଛି । ଜିଲ୍ଲାରେ ୩୨୬ ନଂ ଜାତୀୟ ରାଜପଥ ଅନେକ ସ୍ଥାନରେ ଧୋଇ ଯାଇ ଥିବା ବେଳେ ଗାଁ ଗଣ୍ଡା ଓ ଘାଟି ରାସ୍ତା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଚାଷ ଜମି ବାଲିଚର ପାଲଟିଥିବା ବେଳେ ମାଟି କାନ୍ଥ ଘର ବହୁ ମାତ୍ରାରେ ଭାଙ୍ଗି ରୁଜୁ ନଷ୍ଟ ହୋଇଛି । ତେବେ କ୍ଷୟକ୍ଷତିର ଆକଳନ ପରେ ସହାୟତା ପ୍ରଦାନ କରାଯିବ ବୋଲି ମାଲକାନଗିରି ଗସ୍ତ କରି ସୂଚନା ଦେଇଛନ୍ତି ସଚିବ ବିଷ୍ଣୁପଦ ସେଠୀ । ୨୦୧୮ ତୁଳନାରେ ଚଳିତ ବନ୍ୟା ସମଗ୍ର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି ।

# ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳିତ

ସୁବର୍ଣ୍ଣପୁର, ୧୨/୦୯ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁର ବ୍ଲକ ଅଧିନସ୍ଥ ପରମେଶ୍ୱରି ଦୁଗ୍ଧ ଉତ୍ପାଦକ ସମବାୟ ସମିତି ନିଃ କରଡାପାଳ ଠାରେ ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଂ ସମ୍ବଲପୁର ତରଫରୁ ଦୁଗ୍ଧ ଚାଷୀମାନଙ୍କ ଜୀବିକା ଓ ଆର୍ଥିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟ ରେ ସାଧାରଣ ପରିଚାଳକ ଡାକ୍ତର ସରୋଜ କୁମାର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ସାମୁଲର ପାଂଚ ଜଣିଆ କ୍ଷେତ୍ରପରିଦର୍ଶକ ଟିମ୍ ଏକ ଦିନ ପୂର୍ବରୁ ବୀରମହାରାଜପୁର ବ୍ଲକ ପରିଦର୍ଶନ କରି ଅମରପାଲି, କଦଳିପାଲି, ଖଣ୍ଡହତା କରଡ଼ାପାଳ ଓ ବଡ଼ମାଲ ଆଦି ସମିତିମାନଙ୍କୁ ପରିଦର୍ଶନ କରି ବିଭିନ୍ନ ଡକ୍ୟୁମେଣ୍ଟରି ଫିଲ୍ମ ମାଧ୍ୟମରେ ସଚେତନତା ଶିବିର ଆୟୋଜନ କରିଥିଲେ। ପୁନଶ୍ଚ ସଂଘ ତରଫରୁ ଏକ ଗୋ ବନ୍ଧ୍ୟା ନିରାକରଣ ଶିବିର ମଧ ଆୟୋଜନ କରାଯାଇ ପ୍ରାୟ ୧୦୦ରୁ ଅଧିକ ଗାଈ ଓ ଛଡ଼ା ମାନଙ୍କ ର ମାଗଣାରେ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିଲା। ଆଜି ଅନୁଷ୍ଠିତ ଏହି ଦୁଗ୍ଧଚାଷୀ ମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ମାନୀୟା ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରାୟ ୨୦୦ ଜଣ ଦୁଗ୍ଧ ଚାଷୀ ମାନଙ୍କୁ ଗୋପାଳନ ମାଧ୍ୟମରେ ଗ୍ରାମାଂଚଳରେ ଆତ୍ମନିଯୁକ୍ତି ସୃଷ୍ଟି ସହିତ ନିଜ ନିଜର ଆର୍ଥିକ ଅଭିବୃଦ୍ଧି କରିବାପାଇଁ ବୁଝାଇଥିଲେ। ଏହାଛଡା ଜିଲ୍ଲାରେ ଗୋପାଳନ, ଦୁଗ୍ଧୋତ୍ପାଦନକୁ ବ୍ୟାପକ ମାତ୍ରାରେ କରିବାପାଇଁ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବ୍ୟାପକ ଘାସ ଚାଷ ଓ ଦୁଗ୍ଧ ଚାଷୀ ମାନଙ୍କୁ ଗାଈ ଗୁହାଳ ଯୋଗାଇଦେବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଗୋଷ୍ଠୀ ଉନ୍ନୟନ୍ ଅକାରୀ ବୀରମହାରାଜପୁର ଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଆବଶ୍ୟକୀୟ ଭିତ୍ତି ଭୂମି ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବାପାଇଁ ଜିଲ୍ଲାପାଳ ମହୋଦୟା ନିର୍ଭର ପ୍ରତିଶୃତି ପ୍ରଦାନ କରି ଦୁଗ୍ଧ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଗୋପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବ କରଡାପାଳ ସମିତିର ତିନିଜଣ ଅଗ୍ରଣୀ ଦୁଗ୍ଧ ଚାଷୀଙ୍କୁ ମାନପତ୍ର ଓ ଉପଢୌକନ୍ ଦେଇ ସମ୍ମାନିତ କରିଥିଲେ। ସଂଘ ତରଫରୁ ସାଧାରଣ ପରିଚାଳକ ଡାକ୍ତର ସରୋଜ ସାହୁ ଗୋ ପାଳନ ବୃଦ୍ଧି ପାଇଁ ଆଗାମୀ ନିକଟ ଭବିଷ୍ୟତ ରେ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନା ଏବଂ ଗୋପାଳନ କ୍ଷେତ୍ରରୁ ଚାଷୀମାନଙ୍କୁ ମିଳୁଥିବା ବିଭିନ୍ନ ପ୍ରକାର ଲାଭ ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର ବୀରମହାରାଜପୁର, ସମଲେଶ୍ୱରୀ ଦୁଗ୍ଧ ସଙ୍ଘର ସଭାପତି ଶ୍ରୀଯୁକ୍ତ ବିଦ୍ୟାଧର ପ୍ରଧାନ ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡାକ୍ତର ଅଜୟ କୁମାର ସାହୁ, ସୁବଳୟା ପ୍ରାଣୀ ଚିକିତ୍ସକ ଡାକ୍ତର ଆକାଶ କୁମାର ସାହୁ, ଓ ସମଲେଶ୍ୱରୀ ଦୁଗ୍ଧ ସଙ୍ଘ ର କର୍ମଚାରି ମାନେ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ଶେଷରେ ସଙ୍ଘର କନିଷ୍ଠ ପରିଚାଳକ ସଞ୍ଜୀବ କୁମାର ଶତପଥୀ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ବାଲି ଚାଲାଣ ଉପରେ ରୋକ ଲଗାଇବାକୁ ଦାବି ପତ୍ର

କୋରେଇ, ୧୨/୦୯ (ନି.ପ୍ର): ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯାଜପୁର ଜିଲ୍ଲାର ବୈତରଣୀ ଓ ବୁଢା ଘାଟରୁ ନିୟମିତ ଭାବେ ବାଲି ଚାଲାଣ ହେଉଅଛି। ବାରମ୍ବାର ଖଣି ବିଭାଗ , ପୁଲିସ, ରାଜସ୍ୱ ବିଭାଗକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନି। ଯାଜପୁର ଜିଲ୍ଲା ପ୍ରଶାସନର କିଛି ଲାଂଚୁଆ ଅଧିକାରୀ/କର୍ମଚାରୀ ମାନଙ୍କ ଲାଗି ଏପରି ବେଆଇନ ବାଲି ଚାଲାଣ ହେଉଥିବାର ଅଭିଯୋଗ ମଧ୍ୟ ହୋଇଛି। ଯାହା ଫଳରେ ଦିନକୁ ଦିନ ନଦୀବନ୍ଧ ଦୁର୍ବଳ ହେବା ସହିତ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଯାହାକୁ ନେଇ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଯାଜପୁର ସାଂସଦ ତଥା ରାଜ୍ୟ ଖରି ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଚିଠି ଲେଖି ଏହା ଉପରେ ରୋକ ଲାଗାଇବା ସହିତ ଉକ୍ତ ବାଲି ମାଂିଆ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି ସ୍ଥାନୀୟ ଗ୍ରମାବାସୀ। ପ୍ରକାଶଯେ ଯାଜପୁର ବ୍ଲକ ମାଳଆନନ୍ଦପୁର, ଭୁବନେଶ୍ୱରପୁର, ଚଇନିପୁର ସମେତ ନାଥସାହି ପଂଚାୟତରୁ ଦୈନେକ ହଜାର ହଜାର ଟ୍ରିପ ବାଲି ବେଆଇନ ଭାବେ ଚୋରା ଚାଲାଣ ହେଉଛି। ଯାହାଦ୍ୱାରା ମୁଖ୍ୟ ରାସ୍ତାଟି କ୍ରମଶଃ ଦୁର୍ବଳ ହେବା ସହିତ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥି ସହିତ ମନଇଚ୍ଛା ବାଲି ଖନନ ଯୋଗୁ ନଦୀ ଶଯ୍ୟାରେ ଗଭୀର ଗର୍ତ ମାନ ହୋଇ ସ୍ଥାନୀୟ ଅଂଚଳର ଲୋକ ମାନେ ପାଣିରେ ବୁଡ଼ି ମୃତ୍ୟୁବରଣ କରୁଛନ୍ତି। ଏଥିରେ ରୋକ ଲଗାଇବା ସହିତ ବେଆଇନ ବାଲି ଚାଲାଣ ଉପରେ ରୋକ ଲଗାଇବାକୁ ସ୍ଥାନୀୟ ଅଂଚଳର ଯୁବ ସମାଜସେବୀ ତଥା ଭାଜପା କର୍ମୀ ଚିତରଂଜନ ସାହୁଙ୍କ ସମେତ ଦେବାଶୀଷ ରଣା, ପରେଶ ସାହୁ, କ୍ରୀଷ୍ଣା ସାହୁ, ସନ୍ତୋଷ କୁମାର ସାହୁ, ନିରଂଜନ ନାୟକ. ପ୍ରଦୀପ ସାହୁ, ଶ୍ରୀଧର ତ୍ରିପାଠୀ ପ୍ରମୁଖ ମାନ୍ୟବର ସାଂସଦ ଓ ଜିଲ୍ଲାପାଳ, ଏସପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

## ଆଚାର୍ଯ୍ୟ ବିନୋବାଙ୍କ ୧୩୦ ତମ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ ଆନ୍ଦୋଳନ ଓ ଭୂଦାନ ଆନ୍ଦୋଳନ ର ପ୍ରବର୍ତକ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ ତମ ଜୟନ୍ତୀ କେନ୍ଦ୍ରାପଡା ରେ ପାଳିତ ହୋଇଯାଇଛି । ପବ୍ଲିକ ରିଡିଂ ରୁମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରାଧାପକ ନନ୍ଦ କିଶୋର ପରିଡା ଅଧକ୍ଷତା କରିଥିବା ବେଳେ ସଂଗଠନ ସଂପାଦକ ଆଦିକନ୍ଦ ରାଉଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାପକ ଅଜୟ କୁମାର ସାମଲ, ରବିନ୍ଦ୍ର ପ୍ରସାଦ ଜେନା, ମୁକ୍ତାର ଖାନ, ଶ୍ରୀଧର ମହାନ୍ତି, ଶୁଭ୍ରାଂଶୁ କୁମାରଦାସ, ମନୋରଂଜନ ତ୍ରିପାଠୀ, ଶରତ ରାଉତ, କୁଳମଣି ଗୋଛାୟତ ପ୍ରମୁଖ ବିନୋବା ଙ୍କ ଜୀବନୀ ଓ ସ୍ୱାଧିନତା ଆନ୍ଦୋଳନ ରେ ତାଙ୍କର ଯୋଗ ଦାନ ଓ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟର ପ୍ରଚାର ପ୍ରସାର ଆଦି ବିଷୟରେ ଆଲୋକପାତ କରିଥିଲେ । ଏନେଇ ସମସ୍ତ ବିଦ୍ୟାଳୟରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଗାନ୍ଧି ଜୟନ୍ତୀରେ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରମୋଦ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ତଦନ୍ତ ଚାଲିଥିବାବେଳେ ବ୍ୟାଙ୍କ ଆଗରେ ବସିଥିବା ଧାରଣାକାରୀଙ୍କୁ ଉଠାଇବାକୁ ଦାବି

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ର ସଦସ୍ୟ ମାନେ ବିଭିନ୍ନ ଅଭିଯୋଗ କରି ତଦନ୍ତ ଚାଲୁଥିବା ବେଳେ କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଧାରଣାରେ ବସିଥିବାରୁ ଏହି ଧାରଣାକାରୀଙ୍କୁ ଉଠାଇବା ପାଇଁ ୪ଟି ପଂଚାୟତ ବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି । ଏହି ଦାବିପତ୍ର ରେ ପଂଚାୟତ ବାସୀ ଜଣାଇଛନ୍ତି ଯେ, ପୂର୍ବତନ ଶାଖା ପରିଚାଳକଙ୍କ ସମୟରେ ହୋଇଥିବା ଦୁର୍ନିତି ର କାର୍ଯ୍ୟାନୁଷ୍ଠାନ ନିମନ୍ତେ ପେଗରପଡା ପଂଚାୟତ ସମିତିର ସମିତି ସଭ୍ୟଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ଯେଉଁମାନଙ୍କର କେନ୍ଦ୍ର ସମବାୟ ବ୍ୟାଙ୍କ ଓ କୃଷି ସମବାୟ ସମିତି ସହିତ କୌଣସି ସଂପର୍କ ନଥିବାବେଳେ ସେମାନେ ମଧ ଏହି ଧାରଣାରେ ବସି ରହିଛନ୍ତି । ଯାହା ଫଳରେ ସ୍ଥାନୀୟ ଅଂଚଳର ଚାଷୀ ବିଭିନ୍ନ କାମ ନେଇ ବ୍ୟାଙ୍କୁ ଓ ସମିତିକୁ ଆସୁଥିବା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଓ ବ୍ୟାଙ୍କରେ ହୋଇଥିବା ଦୁର୍ନିତି ଅଭିଯୋଗ ର ତଦନ୍ତ ଚାଲୁ ରହିଥିବା ବେଳେ ଅଯଥା ଧାରଣାରେ ବସି ରହିଥିବା ଧାରଣାକାରୀଙ୍କୁ ସେଠାରୁ ଉଠାଇବା ପାଇଁ ସମାଜସେବୀ ନଳିନୀକାନ୍ତ ପୃଷ୍ଟିଙ୍କ ନେତୃତ୍ୱରେ ଅମର କୁମାର ବେହେରା, ଡମ୍ବରୁଧର ଦାସ, ପ୍ରମୋଦ ବାରିକ, ଉତମ ସେନାପତି, ପବିତ୍ର ରାଉତ, ଅଶୋକ କୁମାର ବେହୁରା, ନିରଞ୍ଜନ ବେହେରା, ଅନାଦି ସାହୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଧାରଣାକାରୀଙ୍କୁ ଦାବି କରିଛନ୍ତି ।

# ଦଳିତ ଯୁବତୀଙ୍କୁ ବିବାହ ପ୍ରଲୋଭନ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଆଣିଲେ ପରିବାର

## ସ୍ୱାମୀ ଗିରଫ, ସମସ୍ତ ଆସାମୀଙ୍କୁ ଗିରଫ ପାଇଁ ୟୁନାଇଟେଡ ଫୋରମର ଦାବି

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): ଦଳିତ ଯୁବତୀଙ୍କୁ ପ୍ରେମ କରି ଫସାଇ ଅପହରଣ ପରେ ନୋଟାରୀ ବିବାହ କରାଯାଇଥିଲା । ମାତ୍ର ଜାତିଗତ ବିଭେଦତା ପାଇଁ ପରିବାର ଲୋକ ଗ୍ରହଣ କରିନଥିଲେ । ପରେ ଯୁବତୀଙ୍କୁ ପ୍ରେମିକର ସାଥି ଓ ଭାଇ ମିଶି ଗଣ ଦୁଷ୍କର୍ମ କରି ମାରିଦେଇଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ଏପରି ଏକ ଘଟଣା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଓଲ୍ତି ଗ୍ରାମରେ ଘଟି ଯାଇଛି । ଘଟଣାର ପ୍ରକାଶ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଧିନ ଦେଉଳି ଗ୍ରାମର ବିଲୋଦ ମଲ୍ଲିକ ଙ୍କ ଝିଅ ରଶ୍ମିତା ମଲ୍ଲିକ ବିଏସି ନରସିଙ୍ଗ ପରେ ସେହି ଅ ଳରେ ଏକ ଫାଥୋ ଲ୍ୟାବରେ କାମ କରୁଥିଲା । ଡେରାବିଶ ଥାନା ଓଲ୍ତି ଗ୍ରାମର ରାଜ କିଶୋର ବେହେରାଙ୍କ ପୁଅ ଶମ୍ଭୁନାଥ ବେହେରା ତାକୁ ପ୍ରେମ ଜାଲରେ ଫସାଇ ଥିଲେ। ଗତ ଜୁନ୍ ମାସ୧୪ ତାରିଖ ପ୍ରଥମ ରଜ ଦିନ ରଶ୍ମି ତାକୁ ଧର୍ମଶାଳା ଅ ଳରୁ ଅପହରଣ କରିଆଣି ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ସହ ନୋଟାରୀରେ ଜାଲିଆତି କରି ବିବାହ କରିଥିଲା । ମାତ୍ର ରଶ୍ମିତା ଭିନ୍ନ ଜାତି ଦଳିତ ସମ୍ପ୍ରଦାୟର ହୋଇଥିବାରୁ ଉଭୟଙ୍କୁ ରାଜ କିଶୋର ବେହେରା ଓ ତାର ବାଡ ପୁଅ ଭ୍ରମରବର ବେହେରା ୩ ପୁଅ, ଝିଅ, ବୋହୁ ଓ ସ୍ତ୍ରୀ ମିଶି ମାରଧର କରି ଘରେ ପୁରାଇ ଦେଇନଥିଲେ । ଉଭୟ ସେହି କୁମ୍ଭାର ସାହିରେ ଘରଭଡା ନେଇ ସାନ ଭାଇ ବାବୁ ବେହେରା ସହ ରହୁଥିଲେ । ଏହାର ସୁଯୋଗ ନେଇ ବାବୁ ବେହେରା ମଧ ଶାରିରୀକ ସମ୍ପର୍କ ରଖିବାକୁ ବାଧକରି ମାଡ ମାରେ । ପୁଅ ଘର ପରିବାର ଲୋକ ଧମକ ଦେଇ ୨ଲକ୍ଷ ଟଙ୍କା ଆଣିଲେ ତୁମେ ଦୁଇଜଣ ଘରଭଡା ଦେଇ ସେଇଠି ରହିବ ନହେଲେ ତତେ ବିଦା କରିବୁ କିମ୍ବା ମାରିଦେବୁ ବୋଲି ହତ୍ୟା ଧମକ ସହ ଭୟଭିତ କରାଇ ମାନସିକ ଓ ଶାରୀରିକ ଆଘାତ ଦେଉଥିଲେ । ଯାହାକି ଅଗଷ୍ଟ ୮ ତାରିଖରେ ରଶ୍ମିତା ଠାରୁ ନିର୍ଯ୍ୟାତନାର ଖବର ପାଇ ବିନୋଦର ବୋହୁ ଓ ସାନ ଝିଅ ବୁଝାସୁଝା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ ନିର୍ଯ୍ୟାତନା ଦେଇଥିଲେ ଓ ଏ ସମସ୍ତ କଥା ରଶ୍ମିତା କହିଥିଲା । ଗତକାଲି ଅପରାହ୍ନ ୮ଟା ୪୩ ମିନିଟ୍‌ରେ ଶମ୍ଭୁନାଥ ରଶ୍ମିତା ମରିଯାଇଛି ବୋଲି ଫୋନ୍ କରି କହିଥିଲା । ମାତ୍ର ରଶ୍ମିତାର ଶରୀରରେ, ମୁହଁରେ ବହୁ କ୍ଷତ ଓ ରକ୍ତ ଶ୍ରାବ ହୋଇଥିବାରୁ ଏହା ଏକ ଗଣ ଦୁଷ୍କର୍ମ ଓ ହତ୍ୟା ବୋଲି ରଶ୍ମିତାର ବାପା ବିନୋଦ ମଲ୍ଲିକ ଓ ଭଉଣୀ ସଶ୍ମିତା ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି । ଏନେଇ ଡେରାବିଶ ଥାନାରେ ଏତଲା ଦେବାପରେ ଶମ୍ଭୁନାଥ କୁ ପୁଲିସ ଅଟକ ରଖିବା ପରେ ଗିରଫ କରିଛି। କଟକର ସାଇଂଟିଫିକ ଟିମ୍ ତଦନ୍ତ କରିଥିବା ବେଳେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ତଦନ୍ତ କରି ଶବ ବ୍ୟବଛେଦ କରିଛନ୍ତି । ଦଳିତ ସଙ୍ଗଠନ ମୂଳ ନିବାସୀ ୟୁନାଇଟେଡ ଫୋରମ୍ ତରଫରୁ ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା, କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ଅପୂର୍ବ ରଞ୍ଜନ ସେଠୀ, ଜିଲ୍ଲା ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଆର୍ତତ୍ରାଣ ମଲ୍ଲିକ, କାର୍ତିକ ମଲ୍ଲିକ, ପଙ୍କଜ ମଲ୍ଲିକ, ବିକାଶ ମହାନ୍ତି ପ୍ରମୁଖ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ସମସ୍ତ ୧୦ ଜଣ ଆସାମୀଙ୍କୁ ତୁରନ୍ତ ଗିରଫ ଓ ବିନୋଦ ପରିବାରକୁ ସହାୟତା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ୫କିଲୋମିଟର ବ୍ୟାପୀ ତାଳମଞ୍ଜି ରୋପଣ

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ବିନା ସରକାରୀ ସହାୟତାରେ ଗଢିଉଠିଥିବା "ମୁଡ୍" ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ନିକିରାଇ ମଠସାହିସ୍ଥିତ ୮ ନମ୍ବର ଶାଖା କେନାଲର ଦୁଇ ପାର୍ଶ୍ୱରେ ୫କିଲୋମିଟର ବ୍ୟାପୀ ତାଳମଞ୍ଜି ମୁଡ୍‌ର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପୌରୋହିତ୍ୟରେ ରୋପଣ କରାଯାଇଛି । ମୁଡ୍‌ର ସମ୍ପାଦକ କୁଳମଣି ଗୋଚ୍ଛାୟତଙ୍କ ସଂଯୋଜନା ଓ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳମଞ୍ଜି ସଂଗ୍ରହ, ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀର ହନୁମାନଜୀଉ ମହାବିଦ୍ୟାଳୟର ସମାଜ ବିଜ୍ଞାନର ମୁଖ୍ୟ ଅଧାପକ ଡଃ ହିମାଂଶୁଭୂଷଣ ପରିଡା, ସମାଜସେବୀ ରଘୁନାଥ ରାଉତ, ସୌରଭ ମହାନ୍ତି, ବାନାମ୍ବର ଦାସ, କେଶବ ଗୋଚ୍ଛାୟତ, କେଶବ ଦାସ, ରତ୍ନାକର ଜେନା ପ୍ରମୁଖ ଯୋଗଦାନ କରି ତାଳଗଛର ଉପାଦେୟତା ସମ୍ପର୍କରେ ଆଲୋକପାତ କରି ତାଳମଞ୍ଜି ରୋପଣ କରିଥିଲେ ।

# ମହିଳାଙ୍କ ଜୀବନ ବଂଚାଇଲେ ଦୁଇ ଯୁବକ

ବଲାଙ୍ଗୀର, ୧୨/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ବବଜା ଗ୍ରାମର ବସୁଧା ବିଶ୍ୱାଲ ଜ୍ଞାନିକ ସମସ୍ୟା ହେତୁ ଭୀମ ଭୋଇ ମେଡିକାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଶରୀରରେ ରକ୍ତ ଅଭାବରୁ ଡାକ୍ତର ତାଙ୍କୁ ଜରୁରିକାଳିନ ପରିସ୍ଥିତିରେ ୩ ୟୁନିଟ ରକ୍ତଦେବା ପାଇଁ ପରାମର୍ଶ ଦେଇଥିଲେ। ବସୁଧାଙ୍କ ଭାଇ ଲୋକେଶ ବିଶ୍ୱାଲ ବଲାଙ୍ଗିର ଜିଲ୍ଲା ଯୁବ କୁଲୁଡା ସମାଜକୁ ୩ ୟୁନିଟ ରକ୍ତ ପାଇଁ ସହଯୋଗ ମାଗିଥିଲେ। ଜିଲ୍ଲା ଯୁବ ସଭାପତି ତଥା ପ୍ରକୃତି ମିତ୍ର ଅସୀମ କୁମାର ଭୋଇ ଙ୍କ ସହଯୋଗ କ୍ରମେ ଯୁବ ସଂଗଠନର ସଦସ୍ୟ ଦିପକ ପ୍ରଧାନ ଓ ଶଶିକାନ୍ତ ବିଶ୍ୱାଲ ଭିମଭୋଇ ହସପିଟାଲକୁ ଆସି ରକ୍ତଦାନ କରିଥିଲେ। ଯୁବ କୁଲୁଟା ସମାଜର ଅନବରତ ଲାଗି ରହିଥିବା ଏଭଳି ସେବା ମନୋଭାବ କାର୍ଯ୍ୟକ୍ରମକୁ ବବଜା ଗ୍ରାମବାସୀ ଭୁୟଂସି ପ୍ରଶଂସା କରିବା ସଙ୍ଗେ ସର୍ବ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତଏବ ଅହଂ ଭାବ ଦୂର କରି ଆସନ୍ତୁ ସମସ୍ତେ ରକ୍ତ ସଂପର୍କରେ ଏହି ବଲାଙ୍ଗୀର ଜିଲ୍ଲା ଯୁବ କୁଲୁଟା ସମାଜ ସହ ବାନ୍ଧି ହେବା ଓ କୁଲୁଟା ସମାଜକୁ ନେଇ ରକ୍ତଦାନ କ୍ଷେତ୍ରରେ ଇତିହାସ ସୃଷ୍ଟି କରିବା ବୋଲି ଅସୀମ ଭୋଇ ଯୁବ ସମାଜକୁ ଆହ୍ୱାନ କରିଛନ୍ତି।

# ବନ୍ଧସାହି ପଡାକୁ ରାଜସ୍ୱ ଗ୍ରାମ କରିବାକୁ ଦାବି

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲ ଅଧିନ ବଡମୂଳବସନ୍ତ ପଂଚାୟତ ଅନ୍ତର୍ଗତ ବନ୍ଧସାହି ପଡାକୁ ରାଜସ୍ୱ ଗ୍ରାମ କରିବା ପାଇଁ ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ମାନେ ଦାବି କରି ଆସୁଛନ୍ତି । ଏନେଇ ବୁଧବାର ବଡମୂଳବସନ୍ତ ପଂଚାୟତ ସରପଂଚ ସନ୍ତୋଷ କୁମାର ସେଠୀଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର(ରାଜସ୍ୱ)ଙ୍କୁ ଭେଟି ବନ୍ଧସାହିକୁ ରାଜସ୍ୱ ଗ୍ରାମ କରିବା ପାଇଁ ଦାବି କରିଛନ୍ତି । ଏହି ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ଗ୍ରାମରେ ସ୍ୱତନ୍ତ୍ର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ଖଉଟୀ କେନ୍ଦ୍ର, ଜନ ସଂଖ୍ୟା ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଥିବାବେଳେ ବନ୍ଧସାହି ଗ୍ରାମଟି ବାଟିପଡା ରାଜସ୍ୱ ଗ୍ରାମ ସହ ଥିବାରୁ ବନ୍ଧସାହି ବାସୀ ମାନେ ବିଭିନ୍ନ ଯୋଜନାରୁ ବଂଚିତ ହେଉଛନ୍ତି । ତେଣୁ ଏହାକୁ ରାଜସ୍ୱ ଗ୍ରାମ କରିବା ପାଇଁ ସରପଂଚ ଶ୍ରୀ ସନ୍ତୋଷଙ୍କ ସହିତ କଳାକାର ସେଠୀ, ପ୍ରଦିପ ପଲାଇ, ଅଭିମନ୍ୟୁ ଦାସ, ନିର୍ମଳ ସେଠୀ, ଅଞ୍ଜନ ସାହୁ, ଅରୁପ କୁମାର ମଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି ।

# ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ

ବଲାଙ୍ଗୀର, ୧୨/୦୯ (ନି.ପ୍ର): ସ୍ଥାନୀୟ ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ୧୪ ଗୋଟି ପଡିଆରେ ଉଦ୍‌ଘାଟନି ମ୍ୟାଚ ହୋଇଯାଇଛି। ମିଶନ ପଡିଆରେ ଏନ୍‌ଏସ୍ ସ୍ୱେଟିଂ ୨-୦ ଗୋଲରେ ବରକାନି ଏଫ୍‌ସିକୁ ହରାଇ ବିଜୟୀ ହୋଇଛି। ଲୋଇସିଂହା ମିନି ଷ୍ଟାଡିୟମରେ ବିଡିଏଫ୍‌ସି ଲୋଇସିଂହା ୧-୦ ଗୋଲରେ ସକ୍‌ମାକୁ ହରାଇ ବିଜୟୀ ହୋଇଛି । ହଲଦି ପଡିଆରେ ଚିକିନିବାହଲି ୧-୦ ଗୋଲରେ ଜୁଗିରତାକୁ ହରାଇ ବିଜୟୀ ହୋଇଛି। ମୁରିବାହାଲ ପଡିଆରେ ଜେଏଫ୍‌ଟି ଘୁଷୁରାମୁଣ୍ଡା ୧-୦ ଗୋଲରେ ସାନ ଝାଙ୍କରପାଲିକୁ ହରାଇ ବିଜୟୀ ହୋଇଛି। ସିଟି ସ୍କୁଲ ଟିଟିଲାଗଡ ପଡିଆରେ ଗୁଲ୍‌ମି ୨-୦ ଗୋଲରେ ମନିଂ କ୍ଲବ ଟିଟିଲାଗଡକୁ ହରାଇ ବିଜୟୀ ହୋଇଛି। ଖୋଲାନ ପଡିଆରେ କୁରସୁଡ ୬-୦ ଗୋଲରେ ଖୋଲାନ ଏକୁ ହରାଇ ବିଜୟୀ ହୋଇଛି। ଜରାସିଂହା ମିନି ଷ୍ଟଡିୟମରେ କରେଲଧୁଆ ୨-୧ ଗୋଲରେ ଚନ୍ଦ୍ରପୁରକୁ ହରାଇ ବିଜୟୀ ହୋଇଛି। ଚୁଡାପାଲି ପଡିଆରେ କୁଟୁମଡୋଲା ଟ୍ରାଇବ୍ରେକର ୫-୪ ଗୋଲରେ ରେଙ୍ଗଟାସିଲ କୁ ହରାଇ ବିଜୟୀ ହୋଇଛି। ଟିକ୍ରାପଡା ପଡିଆରେ କଦଳିମୁଣ୍ଡା ୫-୦ ଗୋଲରେ ଗୁଡିଘାଟକୁ ହରାଇ ବିଜୟୀ ହୋଇଛି। ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ସାଇଟ କଲେଜ ଟ୍ରାଇବ୍ରେକର ୫-୪ ଗୋଲରେ ଛତାବାହଲ କୁ ହରାଇ ବିଜୟୀ ହୋଇଛି। ଟାଉନ ହାଇସ୍କୁଲ ପଡିଆରେ ରିଜର୍ଭ ପୋଲିସ ୩-୦ ଗୋଲରେ ରୟ ସ୍ୱୋଟିଂ କୁ ହରାଇ ବିଜୟୀ ହୋଇଛି। ଖୁଜେନପାଲି ପଡିଆରେ ସୁଦପଡା ଏଫସି ୧-୦ ଗୋଲରେ ରିସାନ କାଲସାଏପାଲି କୁ ହରାଇ ବିଜୟୀ ହୋଇଛି। ପାଟଣାଗଡ ହାଇସ୍କୁଲ ପଡିଆରେ କୁଟମୁଣ୍ଡା ୫-୧ ଗୋଲରେ ଜବାହାରଲାଲ କଲେଜ କୁ ହରାଇ ବିଜୟୀ ହୋଇଛି। ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମ ରେ ଚୁଲିଫୁଙ୍କା ୧-୦ ଗୋଲରେ ଝଲପ କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବରେ କ୍ରୀଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର, ସଦସ୍ୟ ଜୟରାମ ମିଶ୍ର, ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର ଓ ଶ୍ରୀକାନ୍ତ ରାଉତ ମିଶନ ପଡିଆରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣମେଂଟକୁ ଉଦ୍‌ଘାଟନ କରିଥିଲେ। ଲୋଇସିଂହା ପଡିଆରେ ଦିଲିପ ବେହେରା, ଖୁଜେନପାଲି ପଡିଆରେ ଯୁଧିଷ୍ଠିର ସିଂ, ମୁରିବାହାଲ ପଡିଆରେ ତହସିଲଦାର ଜଗଦିଶ କାତାନ୍ନି, ଘେନୁରାମ ତାଣ୍ଡି, ଶ୍ରୀପତି ଷାଣ୍ଢ, ରାମାଞ୍ଜନ ପାତ୍ର, ପାଟଣାଗଡ ପଡିଆରେ ମହିଳା କଲେଜ ଅଧକ୍ଷ ଉତମ ଠାକୁର, ସଦାଇପାଲି ପଡିଆରେ ଶ୍ରଦ୍ଧାନନ୍ଦ ଦେଉରା ଓ ସନ୍ତୋଷ କୁମାର ବ୍ରହ୍ମା, ଟିଟିଲାଗଡ ପଡିଆରେ ପୂର୍ବତନ ଫୁଟବଲ ଖେଳାଳି ସଦାନନ୍ଦ ନାଏକ ଓ ହରି ଥପା, ହଲଦି ପଡିଆରେ ସୋମିନା ସେଠ ଓ ରମାରଂଜନ ସେଠ, ବଙ୍ଗୋମୁଣ୍ଡା ପଡିଆରେ ଆଇଆଇସି ସଂଜିବ କୁମାର ପ୍ରଧାନ, ଟାଉନ ହାଇସ୍କୁଲ ପଡିଆରେ ହୋଟେଲ ମାଲିକ ସଂଘ ସଭାପତି ଜୟନାରାୟଣ ପୁରୋହିତ ଓ ସଂପଦକ ରବି ରଂଜନ ପୁଝାରୀ, ଚୁଡାପାଲି ପଡିଆରେ ପୂର୍ବତନ ବ୍ଲକ ଅଧକ୍ଷ ଘାସିରାମ ବେହେରା, ଲୋକନାଥ କୁମୁରା ଓ ଶରତ କୁମାର ନନ୍ଦ, ଜରସିଂହା ପଡିଆ କରୁଣାକର ମେହେର, ରାଜକିଶୋର ସେଠ ଓ କୈଳାସ କର୍ତି, ଟିକ୍ରାପଡା ପଡିଆରେ ସରପଂଚ ନରେନ୍ଦ୍ର କଲେତ ଓ ଚନ୍ଦ୍ରମଣି ସିଂଦେଓ ଯୋଗ ଦେଇଥିଲେ। ଖେଳକୁ ଅବଦୁଲ ମୁଜିବ୍, ଜିତୁ ଦଲାଇ, ଉମେଶ ଭୋଇ, ଶୁଶାନ୍ତ ନାଗ, କରୁଣାକର ପ୍ରଧାନ, ମହେଶ ତ୍ରିପାଠି, ଅଞ୍ଜନ ଭେସ୍ରା, ଗୋପାଳ ପ୍ରଧାନ, ଆଶିଶ ଦେବ ସା, ରିଙ୍କୁ ବିଶି, ପାଣ୍ଡବ ବିଶି, ଆଶିର୍ବାଦ ସା, ଗଣେଷ ଭୋଇ, ଯୁବରାଜ ଭୋଇ, ଭୋଦେବ ଭୋଇ, ସାନ ଭୋଇ, ବିନୋଦ ପ୍ରଧାନୀ, ରାଜେଶ ସ୍ୱାଇଁ, ପ୍ରୀତମ ନାଏକ, ମୋହନ ପ୍ରଧାନୀ, ମଳୟ ଘିଭେଲା, କୁଶଦେବ ଆଡଜୁଏଡ, ଗୋପାଳ ଘିଭେଲା, କର୍ଣ୍ଣ ଭୋଇ, କୁନ୍ତେ ମେହେର, ଲକ୍ଷ୍ମୀଧର ମହାନ୍ତି, ପ୍ରଶାନ୍ତ ଥନାପତି, ମାନସ ବକୁଲ, ବିବଛ ମାଝି, ନିତେଶ କୁମାର ମାଝି, ଅକ୍ଷୟ ମାଝୀ, ସୀତାକାନ୍ତ ମାଝୀ, ପ୍ରଫୁଲ୍ଲ ବଗର୍ତି, ଭରତ ଡାଙ୍ଗ, ବାଦଲ ରାଉତ, ସୁଦୟ ବାରିକ, ଖୁସିରାମ ମଲ୍ଲିକ, ଚନ୍ଦନ ତ୍ରିପାଠି, ଚୈତନ୍ୟ ସାହୁ, ରାଜେନ୍ଦ୍ର ସେଠ, ଦୁଷ୍ମନ୍ତ ସାହୁ, ଦୁଷ୍ମନ୍ତ ବେହେରା, ଡିସେମ୍ବର ଭୋଇ, ବୁଲୁ ମାଝି, ଦେବାଶିଷ ବାଗ, ବିକି ବିଶି, ସଞ୍ଜନ କୁଦେଇ, ନରସିଂ ସ୍ୱାମୀ ନାଇଡୁ, ବୈକୁଣ୍ଠ ଜେନା, ଜ୍ୟୋତି ମହାନନ୍ଦ, ପୁରୁଷୋତମ ବୁଡେକ, ଜଳନ୍ଧର ସାହୁ, ସୁଧାଂଶୁ ସେଠ, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସଂଜିବ ମହାରଣା ରେଫରି ଦାୟିତ୍ୱ ତୁଲାଇଥିଲେ।

# ସ୍ୱଚ୍ଛ ନିର୍ବାଚନ ପାଇଁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଆବଶ୍ୟକ: ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): ଭୋଟର ତାଲିକାରେ ରହିଥିବା ତ୍ରୁଟିର ସଂଶୋଧନ ପାଇଁ ଆଜି ଜିଲ୍ଲା ସଂସ୍କୃତି ଭବନରେ ତିନିଦିନିଆ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ - ୨୦୨୫ ନିମନ୍ତେ ବୁଥସ୍ତରୀୟ ଅଧିକାରୀ ମାନଙ୍କ କର୍ମଶାଳା ତଥା ତାଲିମ୍ ଶିବିର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ ନିର୍ବାଚନ ପାଇଁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟ ପାଇଁ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆମ ଜିଲ୍ଲାରେ ଘରକୁ ଘର ସର୍ଭେ କରାଯାଇ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ତା. ୨୦-୦୮-୨୦୨୪ ରିଖ ଠାରୁ ଆରମ୍ଭ ହୋଇ ତା. ୩୦-୦୯-୨୦୨୪ ରିଖରେ ଶେଷ ହେବ। ସମୀକ୍ଷାରୁ ଜଣାଯାଇଛି ଯେ ଆମ ଜିଲ୍ଲାରେ ଏହି କାର୍ଯ୍ୟ ମାତ୍ର ୧୭ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି ଯାହା ଫଳରେ ଆମ ଜିଲ୍ଲାର ସ୍ଥାନ ଓଡ଼ିଶାରେ ୨୯ ନମ୍ବର ସ୍ଥାନିତ ହୋଇଛି। ଆମ ଜିଲ୍ଲାରେ ୨୦୨୪ ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ସମାପନ ହେବା ସହ କୌଣସି ବୁଥରେ ପୁନଃ ଭୋଟିଂ ହୋଇନଥିବାରୁ ଜିଲ୍ଲାପାଳ ସମସ୍ତ ବୁଥସ୍ତରୀୟ ଅଧିକାରୀ ଓ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ଘରକୁ ଘର ସର୍ଭେ କରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ୯୦ ପ୍ରତିଶତ ହାସଲ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଚାଲୁଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୫ କୁ ସୁଗମ ତଥା ପ୍ରଭାବଶାଳୀ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପାଞ୍ଚ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହୋଇଥିବା ସମସ୍ତ ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ଆଜି ଠାରୁ ସେପଟ୍ଟେମ୍ବର ୧୩, ୨୦୨୪ ରିଖ ପର୍ଯ୍ୟନ୍ତ ତାଲିମ୍ ପ୍ରଦାନ କରାଯାଉଛି। ଏହି କ୍ରମରେ ଆଜି ୯୯- ରାଜନଗର ଓ ୯୭- କେନ୍ଦ୍ରାପଡା (ସଂରକ୍ଷିତ) ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିବା ବେଳେ ତା. ୧୨-୦୯-୨୦୨୪ ରିଖରେ ୯୮- ଆଳି ଓ ୯୬- ପାଟକୁରା ଏବଂ ତା. ୧୩-୦୯-୨୦୨୪ ରିଖରେ ୧୦୦- ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯିବ। ଘରକୁ ଘର ସର୍ଭେ କରିବା ସମୟରେ ଫର୍ମ-୬ରେ ପଞ୍ଜୀକରଣ, ଫର୍ମ-୭ ରେ ନାମ ବାଦ୍ ଦେବା ଓ ଫର୍ମ-୮ ରେ ନାମ, ତଥ୍ୟ, ଫଟୋ ସଂଶୋଧନ କରିବାକୁ ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ବୁଥ ଅଧିକାରୀମାନଙ୍କୁ ପରାମର୍ଶ ଦେବା ଆବଶ୍ୟକ ବୋଲି କହିଥିଲେ। ନୂତନ ଭାବେ ନିର୍ମାଣ କରାଯାଇଥିବା ଘର ଓ ପ୍ରତ୍ୟେକ ଘରର ମୋଟ ପୁରୁଷ, ମହିଳା, ଭିନ୍ନକ୍ଷମ ବ୍ୟକ୍ତି ଓ ତୃତୀୟ ଲିଙ୍ଗ ସଂଖ୍ୟାକୁ ସର୍ଭେ କରି ଇଖଡ଼ ଆପରେ ଅପ୍ଲୋଡ କରିବା ଦରକାର।

# ଯୁବ ସାମ୍ବାଦିକ ଦିଲ୍ଲୀପ ସାହୁ ଦେହାନ୍ତ



ବସ୍ତା, ୧୨/୯ (ନି.ପ୍ର): ବସ୍ତା ବ୍ଲକ ମଥାନୀ ସମାଜ ପ୍ରତିନିଧି ଯୁବ ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ (୩୫) ଙ୍କ ଦେହାନ୍ତ ହୋଇଯାଇଛି ।ଶ୍ରୀ ସାହୁ ପାଞ୍ଚ ଦିନ ତଳେ ସୋର ରୁ ମଟର ସାଇକେଲରେ ଫେରୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ଫେରୁଥିବା ବେଳେ ଏକ ଅଜଣାଗାଡି ଧକ୍କା ଦେଇ ପଳାଇଯାଇଥିଲା। ଦିର୍ଘ ୬ଘଣ୍ଟାପରେ ତାଙ୍କୁ କେହି ସ ହୃଦୟ ବ୍ୟକ୍ତି ତାଙ୍କୁ୧୦୮ଆମ୍ବୁଲାନ୍ସରେ ଉଦ୍ଧାରକରି ବାଲେଶ୍ୱର ପଠାଇଥିଲେ । ପରେ ଭୁବନେଶ୍ୱର ଆମ୍ରି ଡାକ୍ତରଖାନା ରେ ଚିକିତ୍ସା କରାଯାଉଥିବା ବେଳେଗୁରୁବାର ଦିବା ୧୨ଟା୩୦ ମିନିଟ ସମୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ର ମୃତ୍ୟୁ ଘଟିଥିଲା। ଶ୍ରୀ ସାହୁ ଙ୍କ ଦେହାନ୍ତ ଖବରପାଇ ସମଗ୍ର ବସ୍ତା ଅଞ୍ଚଳ ବାସୀଙ୍କ ମଧ୍ୟରେ ଶୋକ କୋଳ ପରିବେଶ ସୃଷ୍ଟି ହୋଇଛି । ଶ୍ରୀ ସାହୁ ପିଲା ଦିନରୁ ବେଶ୍ ମେଳାପି ମିଷ୍ଟଭାଷି, ସଂଗଠକ ପ୍ରେମି ଥିଲେ। ତାଙ୍କର ଏକ ମାତ୍ର ଅଢେଇ ବର୍ଷ ର ପୁଅ ଅଛି ଶ୍ରୀ ସାହୁ ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ପଣ୍ଡରୁଙ୍ଗୀ ଗ୍ରାମର ଶଚିନ୍ଦ୍ର ସାହୁ ଙ୍କ ମଧ୍ୟମ ପୁତ୍ର ଦିଲ୍ଲୀପ କୁମାର ସାହୁ ଅଟନ୍ତି। ତାଙ୍କ ମୃତଦେହ ଗଗାଁରେ ପହଞ୍ଚିବାପରେ ବସ୍ତା ପ୍ରେସକ୍ଲବର ସଭାପତି ବିଜୟ କୁମାର ଭୂୟା, ଶିରିସ ମାହାନ୍ତି, ସୁଶାନ୍ତପ୍ରଧାନ,ମାନସ ରଞ୍ଜନ ବେହେରା, ରଞ୍ଜନ ବେହେରା, ରବିନାରାୟଣ ସାହୁ ଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, କଂଗ୍ରେସ ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ଇଂ ସୁଧାଂଶୁ ସେଖର ଜେନା, ମଥାନୀ କଂଗ୍ରେସ ନେତା କିଶୋର ପାଳ,ମଥାନୀ ସରପଞ୍ଚ ମମତା ରାଣୀ ସିଟ୍ ପୂର୍ବତନ ସରପଞ୍ଚ ଅନିଲ ମହାପାତ୍ର, ବିଜେଡି ନେତା ଦେବେନ୍ଦ୍ର ବେହେରା ବିଜେପି ନେତା ସୂର୍ଯ୍ୟ ନାରାୟଣ ସାହୁ, ସରପଞ୍ଚ ପ୍ରତିନିଧି ଅଜୟ ଧଳ, ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ ।

# ଫୁଲବାଡ଼ିଆ ଗ୍ରାମର ସମସ୍ୟା: ପିଇବା ପାଣି, ଲକ୍ଷ୍ମୀ ବସ ଚଳାଚଳ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଗ୍ରାମବାସି ଜଣାଇଲେ ଦାବି

ଉଦଳା , ୧୨/୯ (ନି.ପ୍ର): ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ପ୍ରାୟ ୧୫୦ ପରିବାରର ମୋଟ ୭୦୦ ଲୋକ ବସବାସ କରିଆସୁଛନ୍ତି । ଗ୍ରାମର ସମସ୍ତ ଲୋକ ଆଦିବାସି ହୋଇଥିବା ବେଳେ କୌଣସି ପରିବାର ଆଦୌ ପାଇଖାନା ବ୍ୟବହାର କରୁନଥିବାର ଜଣାଯାଇଛି । ଫଳରେ ପରିବେଶ ଉପରେ ଏହା ବହୁ କୁ ପ୍ରଭାବ ପକାଉଛି । ଏଥିପାଇଁ ଅନେକ ସମୟରେ ଲୋକେ ଡ଼ାଇରିଆ ରୋଗରେ ପିଡ଼ିତ ହେଉଥିବାର ଜଣାଯାଇଛି । ମ୍ୟାଲେରିଆ ମଧ ଏହି ଗ୍ରାମର ପିଛା ଛାଡୁ ନାହିଁ । ଅନେକ ସମୟରେ ଲୋକେ ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବାର ଖବର ଗ୍ରାମବାସି ମାନେ ଜଣାଇଛନ୍ତି । ବସୁଧା ଯୋଜନାରେ ପାଇପ ପାଣି ପାଇବା ପାଇଁ ଗ୍ରାମବାସି ଦାବି ଜଣାଇଛନ୍ତି । ବର୍ତମାନ ଗ୍ରାମରେ ଥିବା ନନ୍ଦବସା ଖେଳା କୂପ ଓ ନଳକୂପ ଜଳକୁ ଲୋକେ ପାନିୟ ଜଳ ରୂପେ ବ୍ୟବହାର କରୁଛନ୍ତି ।




ପିଲାଙ୍କ ପାଠପଢ଼ା ପାଇଁ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି । ଏଠାରୁ ପଂଚମ ଶ୍ରେଣି ପାସ କରିବା ପରେ ପିଲାଙ୍କୁ ଷଷ୍ଠ ଶ୍ରେଣିରେ ପଢ଼ିବାକୁ ହେଲେ ୭ କିମି ଦୁର ଯିବାକୁ ପଡୁଛି । ଏଥିପାଇଁ ୫ମ ଶ୍ରେଣି ପାସ କରିବା ପରେ ବହୁ ପିଲା ପାଠ ପଢ଼ା ଛାଡୁଥିବାର ଖବର ଗ୍ରାମବାସି ଜଣାଇଛନ୍ତି । ତେବେ ଏହି ବିଦ୍ୟଳୟଟିକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରିଦେବା ପାଇଁ ଗ୍ରାମବାସି ଗୁହାରି ଜଣାଇଛନ୍ତି । ଗ୍ରାମକୁ ଲକ୍ଷ୍ମୀ ବସ ଆସୁନାହିଁ । ଲକ୍ଷ୍ମୀ ବସ ଧରିବାକୁ ହେଲେ ଗ୍ରାମ ଠାରୁ ୧୦ କିମି ଦୁର ଲୋକଙ୍କୁ ଯିବାକୁ ପଡୁଛି । ଗ୍ରାମକୁ ନିୟମିତ ଲକ୍ଷ୍ମୀ ବସ ଚଳା ଚଳ କରୁ ବୋଲି ଗ୍ରାମବାସି ଦାବି କରିଛନ୍ତି । ଜନଜାଗୃତି ମଂଚ ତରଫରୁ ଆଜି ସେପଟ୍ମେର ୧୨ ତାରିଖ ଗୁରୁବାର ଦିନ ଏହି ଗ୍ରାମରେ ବୈଠକ ବସିଥିବା ସମୟରେ ଗ୍ରାମବାସି ମାନେ ଏହି ସବୁ ସମସ୍ୟା ସର୍ମ୍ପକରେ ଅବଗତ କରାଇଥିଲେ । ମଂଚର ଉଦଳା ବ୍ଲକ ସଂଯୋଜକ ରୁପାଏ ବାସ୍କେ ବୈଠକରେ ଅଧକ୍ଷତା କରିଥିବା ବେଳେ ସଦସ୍ୟ ଆରତି, ଭାରତି, ମଂଜୁଲତା ଓ ସୁବ୍ରତ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ , କପ୍ତିପଦାର ପ୍ରଶାସକ ଫୁଲବାଡ଼ିଆ ଗ୍ରାମର ଏହି ସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ମଂଚ ତରଫରୁ ଅନୁରୋଧ କରାଯାଇଛି ।

# ଉତ୍କଳ ସଂସ୍କୃତ ମହାସଂଘ ତରଫରୁ ସଂସ୍କୃତ ଦିବସ ପାଳିତ

## ସଂସ୍କୃତ, ଇଛାଧିନ ନୁହେଁ ବାଧତା ମୂଳକ ହେବା ଉଚିତ : ପ୍ରମିଳା ପଣ୍ଡା

ଉଦଳା , ୧୨/୯ (ନି.ପ୍ର): ଉତ୍କଳ ସଂସ୍କୃତ ମହାସଂଘ ତରଫରୁ ଚଳିତ ସେପ୍ଟମ୍ବର ୯ ତାରିଖ ସୋମବାର ଦିନ ସ୍ଥାନୀୟ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ପାଳିତ ହୋଇ ଯାଇଛି । ବିଧାୟକ ଭାସ୍କର ମଢ଼େଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ସଂସ୍କୃତ ମହାସଂଘର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ସମ୍ମାନିତ ଅତିଥି ଭାବରେ



ଯୋଗ ଦେଇ ପାଠ ପଢ଼ା କ୍ଷେତ୍ରରେ ସଂସ୍କୃତ ବାଧତା ମୂଳକ ବିଷୟ ହେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଭୀମତାଳି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇଥିବାରୁ କୃତଜ୍ଞତା ଜଣାଇଥିଲେ । ମହାସଂଘର ଉପଦେଷ୍ଟା ସଂସ୍କୃତ ଶିକ୍ଷକ ବିଶ୍ୱେଶ୍ୱର ଦ୍ୱିବେଦି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଭାରତର ଇତିହାସ ଓ ଦର୍ଶନକୁ ବୁଝିବାକୁ ହେଲେ ସଂସ୍କୃତ ଜାଣିବାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । କମଳାଶୁଂ ତ୍ରିପାଠୀ, ରଜତ କୁମାର ପଣ୍ଡା, ଗିତାଜଂଳି ନାୟକ , ଅନ୍ନପୂର୍ଣ୍ଣା ପଣ୍ଡା, ଗତାଜଂଳି ପଣ୍ଡା ପ୍ରମୁଖ ଯୋଗ ଦେଇ ପ୍ରଚଳିତ ଥିବା ସମସ୍ତ ଭାଷା କିପରି ସଂସ୍କୃତରୁ ସୃଷ୍ଟି ହୋଇଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରି ଅନୁଜା ମାଧୁରି ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଧାପନ୍ତରିଆ ହୋଇ ପଡିରହିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା

କେନ୍ଦ୍ରାପଡ଼ା, ୧୨/୯ (ନି.ପ୍ର): ତରାଣ୍ଡୋ ଭାୟା ବଉଳବିହାର ଖଇରବାଦ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ୧୧/୧୦/୨୦୨୨ରେ ଫଳକ ଲଗାଇବା ଏକବର୍ଷ ପରେ କାମ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମଧ ଶେଷ ହୋଇପାରିଲା ନାହିଁ । ଯଦି ସରକାରୀ ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟର ଅବଧି ୧୦/୧୦/୨୦୨୭ ପର୍ଯ୍ୟନ୍ତ ଚାଲୁ ରହିଛି । କିନ୍ତୁ ଯେଉଁଠି ଆବଶ୍ୟକ ସେଠାରେ କାର୍ଯ୍ୟ ନକରି ଅନ୍ୟସ୍ଥାନରେ ଅତି ନିମ୍ନମାନର କାର୍ଯ୍ୟ କରି ବିଲ ହାତେଇବାରେ ଚକ୍ରାନ୍ତ କରୁଛନ୍ତି ଠିକାଦାର । କାରଣ କପାଳେଶ୍ୱର ପଂଚାୟତ ହରିଜନ ବସ୍ତି ଦେଇ ଯାଇଥିବା ଜଉ ରୋଡ଼ ସମ୍ପୂର୍ଣ୍ଣ ଭାବେ ବର୍ଷାଜଳରେ କୃତ୍ରିମ ବନ୍ୟ ଦେଖିବାକୁ ମିଳିଛି । ରାସ୍ତା ସମ୍ପୂର୍ଣ୍ଣ ଭାବେ ବୁଡ଼ିଯାଇଛି । ଯାହାଦ୍ୱାରା ଲୋକେ ଗମନାଗମନ କରିବା ପାଇଁ ବହୁ ସମସ୍ୟର ସମ୍ମୁଖୀନ ହେଉଛନ୍ତି । ରାତି ପାହିଲେ ହରିଜନ ବସ୍ତିର ଲୋକେ ବିଲବାଡ଼ିଠାରୁ ଆରମ୍ଭ କରି ବେପାର ବାଣିଜ୍ୟ ପର୍ଯ୍ୟନ୍ତ ଏହି ରାସ୍ତାଦେଇ ଗମନାଗମନ କରିଥାନ୍ତି । କିନ୍ତୁ ରାସ୍ତା କାମକୁ ଅଧା ପନ୍ତରିଆ କାମ କରି ଏସି ଗାଡ଼ିରେ ବୁଲୁଛନ୍ତି ଠିକାଦାର ବାବୁ । ଠିକାଦାର ଜଣକ କୋଟି କୋଟି ଟଙ୍କାର କାମ କରୁଥିବା ବେଳେ ସରକାରୀ ବାବୁମାନଙ୍କୁ ନିଜ ଅର୍ଥ ବଳରେ ଚୁପକରି ରଖିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏହି ଟାଇଲ ଯେତିକି ବି ହୋଇଛି ଅତି ନିମ୍ନମାନର ହୋଇଥିବାର ଲୋକେ ଅଭିଯୋଗ କରିଛନ୍ତି । କାମକୁ ଦେଖିବା ପାଇଁ ନା ଜେଇ ଥିଲେ ନା କେହି ଅନ୍ୟ କର୍ମଚାରୀ । ମନ ମୋତାଣିଆ ହୋଇଛି ଏହି ସଡ଼କ କାର୍ଯ୍ୟ । ସବୁଠାରୁ ଦୁର୍ଭାଗ୍ୟର ବିଷୟ କପାଳେଶ୍ୱର ହରିଜନ ସାହି ରାସ୍ତା କାମ ହୋଇ ପାରିନଥିବାରୁ ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ।

# ବାଲେଶ୍ୱର ମହାବୀର ଆଖଡ଼ା ସଂଘର ୧୦୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୨/୯ (ନି.ପ୍ର): ମଙ୍ଗଳବାର ଅପରାହ୍ନରେ ମଠସାହି ସ୍ଥିତ ନଣ୍ଡା ଗୋସ୍ୱାମୀ ମଠ ପରିସରରେ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ୧୦୦ ବର୍ଷ (ଶତବାର୍ଷିକୀ)ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଅଛି। ୧୯୨୫ ମସିହାରେ ଓଡ଼ିଶାର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ଼ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ବାଲେଶ୍ୱର ସଦରର ପ୍ରଥମ ବିଧାୟକ ତଥା ସ୍ୱାଧିନତା ସଂଗ୍ରାମୀ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସଙ୍କ ସହିତ ବହୁ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀଙ୍କୁ ନେଇ ବାଲେଶ୍ୱରର ବିଭିନ୍ନ ଗ୍ରାମାଞ୍ଚଳରେ ସଂଗଠନ ଗଢି ସୁସଂଗଠିତ ହୋଇ ସମ୍ମିଳିତ ଭାବେ ଇଂରେଜ ସରକାରଙ୍କ ଶାସନ ବିରୁଦ୍ଧରେ ଲଢ଼ିବାକୁ ଦେଇଥିବା ଆହ୍ୱାନ ସ୍ୱରୂପ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ଗଠନ ହୋଇଥିଲା । ସେବେଠାରୁ ବାଲେଶ୍ୱର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବଜାୟ ରଖି ବାଲେଶ୍ୱର ମହାବୀର ଆଖଡ଼ା ସଂଘ ପ୍ରତ୍ୟେକ ବର୍ଷ ମାଆ ଦୁର୍ଗାଙ୍କର ସାମ୍ବତ୍ସରିକ ପୂଜା ଅବସରରେ ବିରାଷ୍ଟମି ଓ ଦଶହରାରେ ସମସ୍ତ ପାରଂପରିକ କାର୍ଯ୍ୟକ୍ରମକୁ ଭାଇଚାରା ଭିତ୍ତିରେ ପାଳନ କରିବା ସହ ପ୍ରତ୍ୟେକ ବର୍ଷ ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳନ ମାକଳପୁର ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ବାଲେଶ୍ୱରର ସମସ୍ତ ପାରଂପରିକ ଆଖଡ଼ା ଦଳ ମାନଙ୍କୁ ନେଇ ବାର୍ଷିକ ଆଖଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣି ଉତ୍ସବ ପାଳନ କରି ଆସୁଅଛି । ଚଳିତ ବର୍ଷ ସଂଘ ୧୦୦ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଆହୂତ ପ୍ରସ୍ତୁତି ବୈଠକରେ ସମସ୍ତ ସଦସ୍ୟ, ସଦସ୍ୟା ଓ କର୍ମକର୍ତ୍ତାଙ୍କ ସକାରାତ୍ମକ ବହୁ ପ୍ରସ୍ତାବ ବାବଦରେ ଆଲୋଚନା କରାଯାଇ ଥିଲା। ଏହାକୁ କିଭଳି ଭାବରେ ସାରା ଜିଲ୍ଲା ତଥା ରାଜ୍ୟ ସ୍ତରରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଇ ବିଭିନ୍ନ ସାମାଜିକ ,ସଚେତନତା ଓ ସାଂସ୍କୃତିକ କାର୍ଯ୍ୟ କ୍ରମ ହାତକୁ ନିଆ ଯାଇ ପର୍ଯ୍ୟାୟ କ୍ରମେ ବର୍ଷ ତମାମ ପାଳନ କରିବା ଦିଗରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ।ଏଥିରେ ବାଲେଶ୍ୱର ସଂଘ ଜିଲ୍ଲା ପ୍ରଶାସନ,ରାଜ୍ୟ ସରକାର,ସ୍ଥାନୀୟ ଜନପ୍ରତିନିଧି ସମେତ ସମସ୍ତ ଆଖଡ଼ା ସଂଘର ସଭାପତି, ସମ୍ପାଦକ ଓ ସମସ୍ତ ସର୍ବସାଧାରଣ ସହଯୋଗ କରିବାକୁ ମତ ପ୍ରକାଶ ପାଇଥିଲା । ସଂଘର ସ୍ଥାୟୀ ସଭାପତି ଗୋପୀନାଥ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ପଦ୍ମଲୋଚନ ଲେଙ୍କା,ମନୋଜ କୁମାର ରାଉତ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଦର ବେହେରା, ବଂଶୀଧର ଦଳେଇ, ସହକାରୀ ସଂପାଦକ ଦେବେନ୍ଦ୍ର ଦାସ,ବିଜୟ ପଲ୍ଲାଇ, ସହକାରୀ ସାଧାରଣ ସଂପାଦକ ବୈଲୋଚନ ଦାଶ,କୋଷାଧକ୍ଷ ରାଜେନ୍ଦ୍ର ଚାଟାର୍ଜୀ, କାର୍ଯ୍ୟ ନିର୍ବାହୀ ସଦସ୍ୟ ନଳିନୀ ରଞ୍ଜନ ଦାସ, ଉପଦେଷ୍ଟା ଶ୍ରୀମତୀ ପ୍ରତିମା ପଣ୍ଡା,ସୁଶ୍ରୀ ଅର୍ଚ୍ଚନା ନନ୍ଦୀ,ନିରଞ୍ଜନ ରାଉତ,ପ୍ରଦୀପ କୁମାର ଚାଟାର୍ଜୀ, କୃଷ୍ଣକର ନାୟକ, କୈଳାଶ ଚନ୍ଦ୍ର ପରିଡ଼ା, ହେମନ୍ତ କୁମାର ମାସନ୍ତ, କାର୍ତ୍ତିକ ଚନ୍ଦ୍ର ବେହେରା, ଦେବବ୍ରତ ପାଣିଗ୍ରାହୀ, ଶିବ୍ ଦାସ୍ କୁଣ୍ଡୁ, ହେମନ୍ତ କୁମାର ଚଣ୍ଡ,ରବୀନ୍ଦ୍ର କୁମାର ବେହେରା, ଆଜୀବନ ସଭ୍ୟ ଡ଼ା ପଙ୍କଜ କୁମାର ଦାସ, ଆଶ୍ରିତା ତରେଇ, ସଞ୍ଜୟ ମହାପାତ୍ର, ମନୋଜ କୁମାର ଧଳ,ଲୋକନାଥ ପିରି,ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ଓ ପ୍ରସ୍ତାବ ରଖିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଘର ସାଧାରଣ ସଂପାଦକ ମନୋଜ କୁମାର ଦାସ ପରିଚାଳନା କରିଥିଲେ ।

# ମିତ୍ରପୁରରେ ୬ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ହରତାଳ

ନୀଳଗିରି, ୧୨/୯ (ନି.ପ୍ର): ନୀଳଗିରି ଉପଖଣ୍ଡସ୍ଥ ମିତ୍ରପୁର - ନୀଳଗିରି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ମିତ୍ରପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ମିତ୍ରପୁର ଛକରେ ୬ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ହରତାଳ ସହିତ ମିତ୍ରପୁର ବଜାର ବନ୍ଦ ରହିଥିଲା ।ସୂଚନା ରୁ ଜଣାଯାଇଛି ଉକ୍ତ ରାସ୍ତା କାର୍ଯ୍ୟଟି ନୀଳଗିରି ପୂର୍ତ୍ତବିଭାଗ ଦ୍ୱାରା ସମ୍ପାଦନ କରାଯାଉଥିବା ବେଳେ ଦୀର୍ଘ ୬ ମାସ ଧରି ମିତ୍ରପୁର ବଜାର ମଧ୍ୟସ୍ଥଳୀରେ ଡ୍ରେନ ଓ ରାସ୍ତା ନିର୍ମାଣକାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ଫଳରେ ଉକ୍ତ ବଜାର ମଧରେ ଯାତାୟାତ କରୁଥିବା ଯାତ୍ରୀବାହୀ ଯାନ ସହିତ ଛୋଟଛୋଟ କୋମଳମତି ଛାତ୍ରଛାତ୍ରୀ, ନିରୀହ ଗୃହ ପାଳିତ ପଶୁମାନଙ୍କର ଯାତାୟତରେ ଘୋର ବାଧା ଉପୁଯୁଛି । ଅଧା ପନ୍ତରିଆ ଡ୍ରେନରେ ପାଣି ନିଷ୍କାସନ ହେଉନଥିବାରୁ ଡ୍ରେନ ପାଣି ରାସ୍ତା ମଝିରେ ଜମା ହୋଇରହିଛି ।ଅଧିକାଂଶ ସମୟରେ ଅଘଟଣ ଘଟୁଥିବାର ନଜିର ମଧ ରହିଛି । ଏଥିସହିତ ରାସ୍ତା ନିର୍ମାଣରେ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼ିଛି । କାରଣ ରାସ୍ତା ନିର୍ମାଣର କୌଣସି ସୂଚନା ଫଳକ ନଥିବା ବେଳେ ଠିକା ସଂସ୍ଥାର ମାଲିକଙ୍କ ଅନୁପସ୍ଥିତି ନେଇ ସନ୍ଦେହ ଉପୁଜିଛି । ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ ଓ ଗଛ କଟା ନ ହେବାରୁ, ଦୁର୍ଘଟଣା ଘଟି ଧନ ଜୀବନ ଯିବାର ନଜିର ଅଛି । ଆଜିର ଏହି ଧର୍ମଘଟ ସମୟରେ ନୀଳଗିରି ପୂର୍ତ୍ତ ବିଭାଗ ଅଧିକାରୀ, ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଧର୍ମଘଟ ସ୍ଥଳରେ ପହଞ୍ଚି, ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ସହିତ ବନବିଭାଗ, ବିଦ୍ୟୁତବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସମ୍ବନ୍ୱୟ ଅଭାବରୁ ଏପରି ସ୍ଥିତି ଉପୁଜିଥିବା ସୂଚନା ଦେଇଥିଲେ । ଧର୍ମଘଟରେ ମିତ୍ରପୂର କ୍ରିୟାନୁଷ୍ଠାନ କମିଟି ସହିତ ବଜାର କମିଟି, ଦୁର୍ଗାପୂଜା କମିଟି, ସ୍ୱାସ୍ଥ୍ୟ ସେବା କମିଟି, ରଥଯାତ୍ରା କମିଟି, ଟ୍ରକ ମାଲିକ ସଂଘ, କ୍ରସର ଓ ଖାଦାନ ମାଲିକ ସଂଘ ଏଥିରେ ସାମିଲ ହୋଇଥିବା ଦେଖାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଷ୍ଟାଲିନ ମିଶ୍ର, ବିଜୟ ଆଚାର୍ଯ୍ୟ, ଜୟନ୍ତ ବିଶ୍ୱାଳ, ପଞ୍ଚାନନ ଲେଙ୍କା, ଜୀବନ ଗୋସ୍ୱାମୀ, ଅଜୟ ଧଳ, କାର୍ତ୍ତିକ ଦାସ, ଜେନି ସାହା, ଅଗଣି ସାହୁ, ପ୍ରମୋଦ ମୁଦୁଲି, ସଞ୍ଜୟ ମହାପାତ୍ର, ଟୁଙ୍ଗୁରୁ ମଲ୍ଲିକ ପ୍ରମୁଖ ବହୁ ବ୍ୟକ୍ତି ,ଉକ୍ତ ଧର୍ମଘଟରେ ସାମିଲ ହୋଇଥିବା ଦେଖାଯାଇଥିଲା ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଚାନ୍ଦିପୁରରୁ କ୍ଷେପଣାସ୍ତ୍ର...

ପ୍ରଶାସନର ସୂଚନା ଅନୁସାରେ ଜୟଦେବ କସବା ପାହି, ସାହାଜାନଗର ପାଣିର ୧୦୯୩ ଜଣ, ଭୀମପୁର ପାହି, ତୁଣ୍ଡରା ପାହିର ୮୯୫ ଜଣ, ଖଡୁପାହି, କୁସୁମୁଳୀ ଗାଁର ୧୧୧୨ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଟେଣ୍ଟର ବ୍ୟବସ୍ଥା କରାଯାଇଥିଲା। ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଜଳଖିଆ ଓ ମଧାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା। ଏଥିସହିତ କ୍ଷତିପୂରଣ ବାବଦକୁ ସହାୟତା ଟଙ୍କା ଗ୍ରାମବାସୀଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପଠାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।

### ରାଜ୍ୟ କ୍ୟାବିନେଟ ବୈଠକରେ ...

ବାପାମା'ଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି । ଥଇଥାନ ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି ସରକାରୀ କର୍ମଚାରୀଙ୍କ ବିବାହିତ ଝିଅ ଏବଂ ସାବତ ପୁଅ ଝିଅଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା ନ ଥିଲା । ବର୍ତ୍ତମାନ ବିବାହିତ ଝିଅ ଏବଂ ସାବତ ଝିଅଙ୍କୁ ନିଯୁକ୍ତି ମିଳିବ। ସେହପରି ଅଦାନୀ ହାତକୁ ଗଲା ଗୋପାଳପୁର ବନ୍ଦର। ବନ୍ଦରର ୯୫ ଭାଗ ଅଦାନୀ ପାଖରେ ରହିବ ଏବଂ ୫ ପ୍ରତିଶତ ଭାଗ ଷ୍ଟିବିଡର ପାଖରେ ରହିବ। ଗୋପାଳପୁର ପୋର୍ଟ୍ ଲିମିଟେଡ ଏକ ସଂଗଠନ, ଯେଉଁଥିରେ ଓଡିଶା ଷ୍ଟିଭେଡୋରସ ଲିମିଟେଡ, ନୋବଲେ ଗ୍ରୁପ ଲିମିଟେଡ ଓ ସାରା ଇନ୍ଟରନ୍ୟାଶନାଲର ଯଥାକ୍ରମେ ୩୪, ୩୩ ଓ ୩୩ ପ୍ରତିଶତ ଅଂଶଧନ ଥାଇ ଗୋପାଳପୁର ବନ୍ଦରର ବିକାଶ କରିଥିଲେ। ୨୦୧୦ ଓ ୨୦୧୭ ଏହି ବନ୍ଦରର ଅଂଶଧନ ପରିବର୍ତ୍ତନ ହୋଇଥିଲା । ବର୍ତ୍ତମାନ ଏହି ଗୋପାଳପୁର ବନ୍ଦର ୧୧.୪୩ ମିଲିୟନ ମେଟ୍ରିକ ଟନ ପଣ୍ୟ ପରିବହନ କରୁଅଛି ଏବଂ ଏହାର ମୋଟ ଆୟରୁ ୭.୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ରାଜସ୍ୱ ଅଂଶ ଭାବେ ପ୍ରଦାନ କରୁଅଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ...

ସଂକଳ୍ପ ଜାରି କରି ନିଜର କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି 'ସଂକଳ୍ପ'ରେ ମୋହନ ସରକାର କହିଛନ୍ତି ଯେ, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି । ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ, ଦକ୍ଷ ମାନବସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ୨୦୧୪ ଅଗଷ୍ଟ ୨୭ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ଯେଉଁ ସଂକଳ୍ପ ଜାରି ନିଯୁକ୍ତି ନିୟମାବଳୀର କୋହଳ ପାଇଁ ଅନୁମତି ଦିଆଯାଇଥିଲା, ବାସ୍ତବରେ ତା'ର ଉଦ୍ଦେଶ୍ୟ ଏହା ନଥିଲା । ବିଭିନ୍ନ ପାରିଶ୍ରମିକ ଓ ସର୍ତ୍ତାବଳୀ ସହିତ ସାମୟିକ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିଭିତ୍ତିକ ଭାବେ ପୁନଃନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଥିଲା । ତେବେ ୨୦୧୪ ମସିହାର ଏହି ସଂକଳ୍ପକୁ ଖାରଜ କରିବା ପାଇଁ ମୋହନ ସରକାର ନିଷ୍ପତ୍ତି ନେବା ସହ ଯଦି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ପଦବୀ ଖାଲି ହୁଏ ଓ ସେହି ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ପରିବର୍ତ୍ତେ ସମ୍ପୃକ୍ତ ବିଭାଗ ବା କାର୍ଯ୍ୟାଳୟ ପ୍ରତ୍ୟକ୍ଷ ଓ ପଦୋନ୍ନତିଭିତ୍ତିକ ନିଯୁକ୍ତି ମାଧ୍ୟମରେ ସେହି ପଦବୀକୁ ପୂରଣ କରିବାକୁ ପଦକ୍ଷେପ ନେବେ । ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ପୂର୍ବରୁ ସମ୍ପୃକ୍ତ ବିଭାଗ ଓ କାର୍ଯ୍ୟାଳୟ ତାଙ୍କୁ କାହିଁକି ପୁନଃନିଯୁକ୍ତି ଦେବେ ତା'ର ଯଥାର୍ଥ କାରଣ ଓ ଏବେ ସଂକଳ୍ପରେ ଜାରି ହୋଇଥିବା ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ। ଯଦି କୌଣସି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଜରୁରୀ ହୁଏ ତା'ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ । ସମ୍ପୃକ୍ତ ପ୍ରଶାସନିକ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିମନ୍ତେ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ୪ଜଣିଆ ସଦସ୍ୟ(ଅତିରିକ୍ତ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ସମ୍ପୃକ୍ତ ବିଭାଗୀୟ ସଚିବ) ନିଷ୍ପତ୍ତି ନେବେ । ବିଭାଗୀୟ ସଚିବଙ୍କୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତିର ବାଧ୍ୟତାମୂଳକ କାରଣ ସମ୍ପର୍କରେ ସନ୍ତୁଷ୍ଟ କରାଇବାକୁ ପଡ଼ିବ । ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ ଓ ନିତିଦିନିଆ କାର୍ଯ୍ୟ ପାଇଁ ଏହା ହେବ ନାହିଁ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି । ତା'ଛଡ଼ା ସମ୍ପୃକ୍ତ ବିଭାଗଗୁଡ଼ିକରେ ଏଭଳି ପୁନଃନିଯୁକ୍ତି ମଞ୍ଜୁରୀପ୍ରାପ୍ତ ଏସବି କ୍ୟାଡ଼ର ଓ ଉପରସ୍ତରର ୧ ପ୍ରତିଶତ ପଦବୀ ମଧ୍ୟରେ ସୀମିତ ରହିବ । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ଯଦି ସମ୍ପୃକ୍ତ ବିଭାଗ ଦେଇଥିବା ଯଥାଥ କାରଣରେ ସନ୍ତୁଷ୍ଟ ହୁଅନ୍ତି ତା'ହେଲେ ସେହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ । କୌଣସି ପୁନଃନିଯୁକ୍ତି ନିମନ୍ତେ ପୋଷ୍ଟଫେକ୍ଟୋ ଅନୁମୋଦନ ହେବ ନାହିଁ । ଶାରୀରିକ ଫିଟ୍ ଥିବା ଅବସରପ୍ରାପ୍ତ କର୍ମଚାରୀ ପ୍ରଥମେ ଏକବର୍ଷ ପାଇଁ ପୁନଃନିଯୁକ୍ତି ପାଇବେ ଓ ତାଙ୍କର କାର୍ଯ୍ୟ ସନ୍ତୋଷଜନକ ହେଲେ ପରବର୍ତ୍ତୀ ସମୟରେ ପ୍ରତିବର୍ଷ ସର୍ବାଧିକ ୩ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିହେବ ।

### ଚାଷୀଙ୍କୁ ଦେଲେନି: ଜଙ୍ଗଲରେ ...

ବସ୍ତା ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲ୍ଲାରେ ଦେଖିବାକୁ ମିଳିଛି ଏପରି ଚିତ୍ର। ବାଲିଶଙ୍କରା ବ୍ଲକ୍ କିଂଜିରକେଲା-ବିରକାଲଡିହି ରାସ୍ତାରେ ଥିବା ଜଙ୍ଗଲ ମଝିରେ ପଡ଼ିଛି ଶହଶହ ବସ୍ତା ଡୋଲୋମାଇଟ୍। ଓଡ଼ିଶା ସରକାରଙ୍କ ଲୋଗୋ ଥିବା ଏହି ବ୍ୟାଗରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଲିମିଟେଡ୍ ଲେଖାଯାଇଛି। ଏହା ବିକ୍ରି ପାଇଁ ଉଦ୍ଦିଷ୍ଟ ନୁହେଁ, ଚାଷୀଙ୍କୁ ଯୋଗାଇ ଦେବାକୁ ଆସିଥିବା ଉଲ୍ଲେଖ ରହିଛି। ଡୋଲୋମାଇଟ୍ ମାଗ୍ନେଶିୟମ ଓ କ୍ୟାଲସିୟମ କାର୍ବୋନେଟର ଚୁନ ମାଟିରେ ମିଶିଲେ ମାଟିର ଉର୍ବରତା ବଢ଼ିଥାଏ। ଯାହାଫଳରେ ଚାଷୀଙ୍କ ଅମଳ ବଢିଥାଏ। ଡୋଲୋମାଇଟ୍ ସାଧାରଣତଃ ଧାନ ଅମଳ ପରେ ପଡ଼ିଆ ପଡୁଥିବା ଜମିର ମାଟି ମିଶା ଯାଇଥାଏ। ପରେ ସେହି ଜମିରେ ମୁଗ, ବିରି, ଖେସାରୀ, ସୋରିଷ ଆଦି ଚାଷ ହୋଇଥାଏ। ମିଳିଥିବା ସୂଚନା ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ସିଆରଏଫ୍ଏମ୍ ସ୍କିମ୍‌ରେ ରାଜ୍ୟ ସରକାର ଚାଷୀଙ୍କୁ ଡୋଲୋମାଇଟ୍ ଯୋଗାଇ ଦେଉଥିଲେ। ହେଲେ ସେହି ଡୋଲୋମାଇଟ୍ ଚାଷୀଙ୍କୁ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ଯାହାକୁ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। କିଏ ଓ କାହିଁକି ଏହି ଡୋଲୋମାଇଟ୍ ଏଠାରେ ଫିଙ୍ଗିଦେଲା, ତାହା ଜଣାପଡିନାହିଁ। ତେବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଘଟଣାକୁ ଏଡାଇଯାଇଛନ୍ତି। ସିଏ ଓଲଟା ପ୍ରଶ୍ନ ପଚାରିଥିଲେ। ଆମେ କିଭଳି ଜାଣିବୁ ତାହା ଆମ ଜିଲ୍ଲାର ବୋଲି କହିବା ସହ ବାଲିଶଙ୍କରା ବ୍ଲକ୍‌କୁ ୨୫୦ ମେଟ୍ରିକ୍ ଟନ ଡୋଲୋମାଇଟ ଦିଆଯାଇଥିଲା। ତେବେ ଏଠାରେ କିଭଳି ଭାବରେ ପଡ଼ିଛି ତା'ର ତଦନ୍ତ କରାଯିବ ସେ କହିଛନ୍ତି।

### ପ୍ରଧାନ ବିଚାରପତିଙ୍କ ସହ...

ସିଜେଆଇଙ୍କ ସହ ସାମିଲ ହେବା- ହେ ଭଗବାନ ନ୍ୟାୟପାଳିକାରେ ବୁଝାମଣା!" ପୁନାୱାଲା ଶେୟାର କରିଥିବା ଫଟୋରେ ମନମୋହନ ସିଂହ ଓ ତତ୍କାଳୀନ କଂଗ୍ରେସ ସଭାପତି ସୋନିଆ ଗାନ୍ଧି ଇଫତାର ପାର୍ଟିକୁ ଅନେକ ଅତିଥିଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳୁଛି। ଇଫତାର ପାର୍ଟିରେ ତତ୍କାଳୀନ ବିଜେପି ମୁଖ୍ୟ ଲାଲ କୃଷ୍ଣ ଆଡଭାନୀ, ସିପିଆଇ(ଏମ) ସୀତାରାମ ୟେଚୁରୀ ଓ ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ ମଧ୍ୟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ସିଜେଆଇଙ୍କ ଘରକୁ ଯାଇ ଗଣେଶ ପୂଜାରେ ସାମିଲ ହୋଇଥିବାକୁ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଏହାକୁ କାଉଣ୍ଟର କରି ବିଜେପି ପ୍ରଥମେ କହିଥିଲା ଯେ ଏହି ଗସ୍ତ କେବଳ ଗଣେଶ ପୂଜା ଉତ୍ସବରେ ସୀମିତ ଓ ଏହା ଆମ ସଂସ୍କୃତିର ଅଂଶବିଶେଷ। ଏବେ ପୁନାୱାଲା ଇଫତାର ପାର୍ଟିର ଫଟୋ ଜାରି କରିଛନ୍ତି। ଗଣେଶ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋଶାଲ ମିଡିଆ ଏକ୍ସରେ ଏକ ଫଟୋ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଘରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଆଉ ଏକ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସିଜେଆଇ ଓ ତାଙ୍କ ପତ୍ନୀ ଦିଲ୍ଲୀ ସ୍ଥିତ ଘରକୁ ସ୍ୱାଗତ କରୁଥିବା ଦେଖିବାକୁ ମିଳୁଛି। ଏହି ଭିଡିଓ ପୋଷ୍ଟ ପରେ ବିରୋଧୀ ନ୍ୟାୟିକ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ।

### ବରିଷ୍ଠ କମ୍ୟୁନିଷ୍ଟ ନେତା ...

ହେବ ସଂକଟାପନ୍ନ ରହିଥିଲା । ଫଳରେ ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା । ବର୍ଷ ୧୯୫୨ ଅଗଷ୍ଟ ୧୨ ତାରିଖରେ ଚେନ୍ନାଇରେ ଜନ୍ମଗ୍ରହଣ କରିଥିଲେ ସୀତାରାମ ୟେଚୁରୀ । ଭାରତୀୟ ରାଜନୀତିରେ ସେ ଥିଲେ ଜଣେ ପ୍ରମୁଖ ଚେହେରା । ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ପରିବାର ଲୋକ ଦିଲ୍ଲୀ ଏମ୍ସକୁ ଶରୀରଦାନ କରିଛନ୍ତି ।ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଗବେଷଣା ପାଇଁ ଦେହଦାନ କରିଛନ୍ତି ପରିବାର ଲୋକ ।

### ଆସୁଛି ଆଉ ଏକ ...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଜଗତସିଂହପୁର, ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା କେତେ ଜିଲ୍ଲାରେ ପ୍ରବଳ ଘଡ଼ଘଡ଼ି ସହ ବଜ୍ରପାତହେବାର ସମ୍ଭାବନା ରହିଛି। ଶନିବାର ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର,ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ।

### କୋଟିପତି ସହକାରୀ ...

ଥିବା ପୈତୃକ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୬ଟି ବହୁତଳ କୋଠା ଠାବ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨କୋଟି ୪୦ଲକ୍ଷ ହେବ। ସେହିପରି ବ୍ରହ୍ମପୁରର ତୁଳସୀ ନଗରରେ ଏକ ୪ ମହଲା କୋଠା ଠାବ କରିଥିଲା ଭିଜିଲାନ୍ସ। ଯାହାର ମୂଲ୍ୟ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହେବ। ଏଥିସହ କନିଷ୍ଠ ଯନ୍ତ୍ରୀଙ୍କଠାରୁ ୨ଟି ୩ ମହଲା କୋଠା, ୨ଟି ୨ମହଲା କୋଠା, ୫ଟି ପ୍ଲଟ୍ ନଗଦ ୨୩ ଲକ୍ଷ ୯୪ ଲକ୍ଷ ଟଙ୍କା ସମେତ ୨୦୦ଗ୍ରାମ ସୁନା ବି ଜବତ କରାଯାଇଥିଲା।

ଶୁକ୍ରବାର, ୧୩ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ

ରୂପସା , ୧୨/୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ପ୍ରତିଷ୍ଠାତା ଦିବଙ୍ଗତ ସିଦ୍ଧ ସାଧକ ଆତ୍ମଜ୍ଞାନୀ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କର ସପ୍ତଦଶତମ ଶ୍ରଦ୍ଧାଞ୍ଜଳୀ ଦିବସ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ, ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଅଛି କ୍ଷମଞ୍ଚାସୀନ ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଦିବଙ୍ଗତ ଖୁଣ୍ଟିଆ ବାବୁଙ୍କର ଜୀବନାଦର୍ଶ ସହିତ କଷ୍ଟଲବ୍ଧ ସଙ୍ଗଠନ ନିତୀନିଷ୍ଠ ସାଧନା ଉପରେ ରେଖା ପାତ କରିଥିଲେ କ୍ଷଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ତାଙ୍କର ଦୈନନ୍ଦିନ ଆଶ୍ରମ ଜୀବନର ବିବରଣୀ ମାନ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ କ୍ଷଆଶ୍ରମର କଣ୍ଠ ଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ଦିବଂଗତ ଖୁଣ୍ଟିଆ ବାବୁଙ୍କ ନାମରେ ଏକ ହୃଦୟସ୍ପର୍ଶୀ ସଙ୍ଗୀତ ଗାନ କରିଥିଲେ। ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଆଶ୍ରମ ପ୍ରତି ତାଙ୍କର ଶ୍ରଦ୍ଧା ଉପରେ ଆଲୋକପାତ କରିଥିଲେ । ସୁନିରାଜ୍ଞୀ ସୁମତୀ ଦଳାଇ, ବିମଳା ଲେଙ୍କା, ବାସନ୍ତୀ ମାହାଳିକ, ଶକୁନ୍ତଳା ପରିଡା ପ୍ରମୁଖ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ବିଷୟରେ ଆଲୋକ ପାତ କରିଥିଲେ । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନିମତୀ ପୂର୍ଣ୍ଣିମା ବର, ଫୁଲମଣୀ, ବେହେରା, ମାଳତୀ ବେଜ, ଅପୂର୍ବ ବେହେରା, ବାସନ୍ତୀ ପରିଡା, ମେଘମାଳା ଜେନା, କୁନୀ ମାଝୀ, ଉର୍ମିଳା ରାଉଳ, କୈକେଇ ଜେନା, ମିନତୀ ଜେନା, ମିନତୀ ବର, ଯମୁନା ବର, ପ୍ରଭାସିନୀ ବର, ପ୍ରମିଳା ବେହେରା, ସିନ୍ଧୁ ଲତା ବେହେରା, ମୁନି କୁମାରୀ ମିନତୀ ଦଳାଇ, ମୁନି ଶଶଧର ସେନାପତି, ଯୋଗେନ୍ଦ୍ର ବେହେରା, ସିନ୍ଧୁ ସିଂ, ଗଣେଶ୍ୱର ମୁନି, ମାର୍କଣ୍ଡ ବର, ମୁନି ରଘୁନାଥ ବେହେରା ଏବଂ ମୁନି କୁମାର ତାପସ ପ୍ରମୁଖ କ୍ଷ ଶେଷରେ ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମ ଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିଥିଲେ ।

# ଭାଇର ଶୁଦ୍ଧିକ୍ରିୟା ପାଇଁ ଅସହାୟ ଭଉଣୀଙ୍କୁ ସହାୟତାର ହାତ ବଢ଼େଇଲା ମହାବୀର ଫାଉଣ୍ଡେସନ ଟ୍ରଷ୍ଟ



ନୀଳଗିରି, ୧୨/୯ (ନି.ପ୍ର): ଦାରିଦ୍ର୍ୟତା ମଣିଷକୁ କେତେଯେ ଦୁଃଖ ଦେଇପାରେ ତାର ଜଳନ୍ତ ନିଦର୍ଶନ ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ଧୋବଶିଳା ପଞ୍ଚାୟତ ଉଡ଼ାପଦା ଗ୍ରାମରେ। ଭାଇର ମୃତ୍ୟୁପରେ ଆର୍ଥିକ ଅନାଟନ ପାଇଁ ଅସହାୟ ଭଉଣୀ ଶବକୁ ହିନ୍ଦୁ ରୀତିନୀତି ଅନୁଯାୟୀ ପୋଡ଼ି ନପାରି ପୋତିଦେବା ପରେ ଅନ୍ତେଷ୍ଟି କ୍ରିୟାକ୍ରମ ପାଇଁ ନିଜର କୁନି କୁନି ଛୁଆଙ୍କ ସହିତ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରିବା ଘଟଣା ଆଜି ବିଭିନ୍ନ ଗଣମାଧମରେ ପ୍ରକାଶିତ ହୋଇଥିଲା। ସୂଚନା ଅନୁଯାୟୀ ଉଡାପଦା ଗ୍ରାମର ଝୁନୁ ବିନ୍ଧାଣୀ ଏକ ଝାଟିମାଟି ଘରେ ଅବସ୍ଥାନ କରୁଥିବା ବେଳେ ନିଜର ସ୍ୱାମୀ ଦୀର୍ଘଦିନ ଧରି ଝୁନୁଙ୍କୁ ଛାଡି ଦୂରେଇ ଯାଇଛି। ଫଳରେ ଅସହାୟ ଭାଇର ସାହାରାରେ ନିଜର ଚାରି ସନ୍ତାନ ଧରି ରହି ଆସିଥିବା ବେଳେ ଗତ ୬ଦିନ ତଳେ ଭାଇର ମୃତ୍ୟୁ ହୋଇଥିଲା। ଏଭଳି ହୃଦୟ ବିଦାରକ ଘଟଣା ପ୍ରକାଶ ପାଇବା ପରେ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ ପକ୍ଷରୁ ଉକ୍ତ ଅସହାୟ ମହିଳାଙ୍କୁ ଭେଟି ଭାଇଙ୍କର ଶୁଦ୍ଧିକ୍ରିୟା ପାଇଁ ୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହିତ ମାସକର ରାସନ ସାମଗ୍ରୀ ଯୋଗଦେଇଥିବା ଜଣାଯାଇଛି। ସଂଗଠନର ପ୍ରତିଷ୍ଠାତା ବିଦ୍ୟାଧର ବାରିକଙ୍କ ସହିତ ରଞ୍ଜିତ ମଲ୍ଲିକ, ପରମେଶ୍ୱର ମଲ୍ଲିକ, ପ୍ରଦୀପ ମଲ୍ଲିକ, ପ୍ରମୟଜ୍ୟୋତି ବେହେରା, ଦିଗମ୍ବର ବେହେରା ଜୟନ୍ତ କୁମାର ପ୍ରମୁଖ ମହାବୀର ଫାଉଣ୍ଡେସନର କର୍ମକର୍ତ୍ତା। ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ। ଫାଉଣ୍ଡେସନର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ଏଥିସହିତ ନୀଳଗିରି ପ୍ରଶାସନ ପକ୍ଷରୁ ବିଡିଓ ଦିଲ୍ଲୀପ ଅଭିଷେକ ଦୁଲାଲଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବାନ ପାତ୍ର ଅସହାୟ ମହିଳାଙ୍କ ନିକଟରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାର ୩ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିବା ଦେଖାଦେଇଥିଲା।

# ପିଏମ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର, ୧୨/୯ (ନି.ପ୍ର): ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପିଏମଙ୍କ ଓଡ଼ିଶା ଗସ୍ତ ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏନେଇ ପୁଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି ।
ବିମାନବନ୍ଦରରୁ ଜନତା ମଇଦାନ ରାସ୍ତାରେ ହେବ ବ୍ୟାରିକେଡ୍। ଏହାଛଡ଼ା ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ କଟକଣା ଲାଗୁ ହେବ। ପିଏମଙ୍କ ସୁରକ୍ଷା ପାଇଁ ସାଧା ପୋଷାକରେ ବି ପୁଲିସ ରହିବେ ।
ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ଗୁଇନ୍ଦା ବିଭାଗ ଅଧିକ ସକ୍ରିୟ ରହିଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବେ। ଜନତା ମଇଦାନରେ ସେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ।

# ରୂପ୍‌ସାରେ ବୁଲିଲା ସୁଭଦ୍ରା ଯୋଜନା ସଚେତନତା ରଥ



ବସ୍ତା , ୧୨/୯ (ନି.ପ୍ର): ରାଜ୍ୟ ସରକାର ମହିଳା ମାନେ ସ୍ୱାବଲମ୍ବୀ ହେବା ପାଇଁ ସୁଭଦ୍ରା ଯୋଜନା କରିଛନ୍ତି। ତାହା ର ପାଇଁ ଫର୍ମ ମଧ ବିଭିନ୍ନ ପଞ୍ଚାୟତ ରେ ଅଙ୍ଗନୱାଡ଼ି ଦିଦି ଙ୍କ ସହାୟତା ରେ ବଣ୍ଟା ସରିଛି । କିଛି ଅନଲାଇନ୍ ଦୋକାନରେ ମଧ ମହିଳା ମାନଙ୍କ ଭିଡ ଦେଖିବାକୁ ମିଳୁଛି। ଲୋକ ମାନେ ଫର୍ମ କିଭଳି ପଞ୍ଜିକରଣ କରିବେ ତାର ଶେଷ ତାରିଖ ସୁଦ୍ଧା ହେଇ ପାରିବ କି ନାହିଁ ଲୋକ ମନରେ ଅନେକ ଆଶା ଅଙ୍କ୍ଷକା ଦେଖିବାକୁ ମିଳୁଛି। ଉକ୍ତ ସମସ୍ୟା ର ସମାଧାନ ପାଇଁ ସରକାର ଙ୍କ ତରଫରୁ ପ୍ରତି ପଞ୍ଚାୟତ ରେ ସୁଭଦ୍ରା ଯୋଜନା ସଚେତନତା ରଥ ଦ୍ୱାରା ସଚେତନ କରା ଯାଉଛି। ରୂପସା ଅଞ୍ଚଳ ରେ ଥିବା ତିନୋଟି ପଞ୍ଚାୟତରେ କସିପଦା, ଆଙ୍ଗୋ, ରୂପସା ସାମିଲ ହସନପୁର ସମସ୍ତ ଅଙ୍ଗନବାଡ଼ି ଦିଦି , ଆଶା କର୍ମୀ ମାନେ ଝୁଣ୍ଟି ପକାଇ ଘଟ ବସାଇ ରଥ କୁ ସ୍ୱାଗତ କରିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ଲଙ୍ଗଳେଶ୍ୱର,୧୨/୯ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଗ୍ରାମ ପଞ୍ଚାୟତର ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଗୁରୁବାର ଅପରାହ୍ନରେ ପୁରାତନ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟିର ସଭାପତି ଲମ୍ବୋଦର ମହାନାଙ୍କ ସଭାପତି ପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାନ ସଭା କ୍ଷେତ୍ରୀୟ ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ମୁଖ୍ୟ ବକ୍ତା ଭାବରେ ସିଆରସିସି ଅଶୋକ କୁମାର ଗିରି,ସମ୍ମାନୀତ ଅତିଥି ଭାବରେ ଅବାସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ସାହୁ, ଚୌଧୁରୀକୁଦ ଏମଇ ସ୍କୁଲ୍ ର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ମୁର୍ମୁ, ସହକାରୀ ଶିକ୍ଷୟିତ୍ରୀ ଦୀପାଳୀ ପରିଡା ଯୋଗା ଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରାଉତଙ୍କ ସମୟାନୁବର୍ତିତା,ଛାତ୍ର ବତ୍ସଲତା, କର୍ତ୍ତବ୍ୟ ନିଷ୍ଠାତା ପ୍ରତି ସେ ଖୁବ ଯତ୍ନବାନ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ । ସନ୍ତୋଷ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ପ୍ରଦୀପ କୁମାର ମହାନା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ରୀ ଅଲିଭା ଦଣ୍ଡପାଟ, ରଶ୍ମିତା ଗାଙ୍ଗାଇ, ସ୍ମାଇଲ ମାହାନା, ଇତିଶ୍ରୀ ମହାନ୍ତି, ରଞ୍ଜିତା ପ୍ରାମାଣିକ ଙ୍କ ସହିତ ପୁରାତନ ଛାତ୍ର କାଶୀନାଥ ବେହେରା, ଜଗଦୀଶ ପ୍ରଧାନ, ଆକାଶ ପ୍ରଧାନ, ବରୁଣ ପ୍ରାମାଣିକ, ଆକାଶ ମହାନା, ପ୍ରକାଶ ମାହାନା,ଅରବିନ୍ଦ ଗଙ୍ଗାଇ, ପଙ୍କଜ ସାହୁ, ସଞ୍ଜୀବ ମାହାନା, ଗୌତମ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ବହୁ ପୁରୁଣା ଛାତ୍ରୀ ଛାତ୍ର ବିଦାୟୀ କାଳୀନ ସଭାରେ ଯୋଗ ବକ୍ତବ୍ୟ ରଖିଥିଲେ।

# ପାର୍ବଣ ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି

ଭୁବନେଶ୍ୱର, ୧୨/୯ (ନି.ପ୍ର): ପାର୍ବଣ ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ପୋଲିସ କମିଶନର ସଂଜୀବ ପଂଡା ଏହି ସୂଚନା ଦେଇଛନ୍ତି । ପାର୍ବଣ ଋତୁ ଆସୁଥିବାରୁ ସହରକୁ ଅପରାଧୀ ମୁକ୍ତ କରାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ତଡିପାର କରାଯାଉଛି । ଗତ କିଛିଦିନ ତଳେ ଲକ୍ଷ୍ମୀସାଗର ଥାନାରୁ ଏକ କୁଖ୍ୟାତ ଅପରାଧି କୁ ଗିରଫ କରାଯାଇଅଛି ଏଥିସହ ପ୍ରତ୍ୟେକ ଥାନା ଅଧୀନରେ ଥିବା ପେଶାଦାର ଅପରାଧୀ ମାନଙ୍କ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଉଛି ଓ ଯେଉଁ ମାନଂକ ନାମ ରେ ୱାରେଂଟ ରହିଛି ତାକୁ ମଧ ଗିରଫ କରାଯିବ କ୍ଷ ଅପରାଧୀ ମୁକ୍ତ କରିବା ପାଇଁ ସ୍ୱେଶାଲ ଡ୍ରାଇଭ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

# ଗରିବ ବାସହରାଙ୍କୁ ଆବାସ ମିଳୁନି: ରାଷ୍ଟ୍ରପତିଙ୍କଠାରେ ଅଭିଯୋଗ ଆଣିଛନ୍ତି ବାସହରା



ଭଦ୍ରକ, ୧୨/୯ (ନି.ପ୍ର): ଗ୍ରାମାଂଚଳରେ ବସବାସ କରୁଥିବା ଗରିବ ବାସହରା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଗାଣ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତ ବ୍ଲକ ଅଧିନସ୍ଥ ଛୟାଳସିଂହ ପଂଚାୟତର ମଙ୍ଗୁଲି ଗ୍ରାମର ସରୋଜିନୀ ଦାଶ ଙ୍କ ପରିବାର ପାଇଁ ଏହା ଅପହଂଚ ପାଲଟିଛି । ଦୀର୍ଘ ବର୍ଷ ହେବ ଏକ ଚାଳ ଛପର ଗୃହରେ ସପରିବାର ବାସ କରି ନାନା କଷ୍ଟରେ କାଳ କାଟୁଛନ୍ତି । ଅଦିନିଆ ବର୍ଷା ଓ ପବନରେ ଗୃହର କାନ୍ଥ ଭାଙ୍ଗିବାରେ ଲାଗିଛି । ତାହା ମଧ୍ୟ ଏବେ ନଷ୍ଟ ହେବାକୁ ବସିଛି । ତାଙ୍କ ପରିବାର ଦରିଦ୍ର ଶ୍ରେଣୀର ଥିବାରୁ ପକ୍କା ଘରଟିଏ କରିବା ତାଙ୍କ ପାଇଁ କଷ୍ଟକର ବ୍ୟପାର । ସୂଚନା ଅନୁଯାୟୀ;ସରକାରୀ ଆବାସଟିଏ ପାଇଁ ଗତ ପ୍ରାୟ ୩ବର୍ଷ ହେବ ସରପଂଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରୀ କଲେ ମଧ୍ୟ କିଛି ସୁଫଳ ନପାଇ ପାରିବାରୁ ବାଧ୍ୟ ହୋଇ ସେ ବର୍ତ୍ତମାନ ରାଷ୍ଟ୍ରପତିଙ୍କୁ ପତ୍ର ମାଧ୍ୟମରେ ଗୁହାରୀ କରିଥିବା ଜଣାପଡ଼ିଛି । ସେହିପରି ଉକ୍ତ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଦାଶଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମଧ୍ୟ ଆବାସଟିଏ ପାଇଁ ଗୁହାରୀ କରି କୌଣସି ସୁଫଳ ନ ପାଇବାରୁ ଶେଷରେ ରାଷ୍ଟ୍ରପତିଙ୍କୁ ଗୁହାରୀ କରିଥିବା ଜଣାପଡ଼ିଛି ।

# ଶିମିଳିପାଳରୁ ପୁଣି ୫ ଶିକାରୀ ଗିରଫ

## ■ମହାବଳ ବାଘ ଶିକାରରେ ଥିଲେ ଜଡିତ
## ■ବନ୍ଧୁକ, ଧନୁତୀର ସହ ବିସ୍ଫୋରୋକ ଏବଂ ବାଘଦାନ୍ତ ଜବଦ



ବାରିପଦା, ୧୨/୯ (ନି.ପ୍ର): ଶିକାର ମୁକ୍ତ ଶିମିଳିପାଳ ଅଭିଯାନରେ ବନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପ୍ରୟାସ କରାଯାଉଥିଲେ ମଧ ଶିକାରୀ ମାନେ ସାବାଡ଼ ହେଉ ନାହାନ୍ତି. ତେବେ ଶିମିଳିପାଳ ସୁରକ୍ଷା ପାଇଁ ଏବେ ବହୁ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରାଯାଉଥିବାରୁ ଶିକାରୀ ମାନଙ୍କୁ ଠାବ କରିବାରେ ସହଜ ହେଉଛି। ସିମିଳିପାଲ ସାଉଥ ଏବଂ ବରିପଦା ବନ ଡିଭିଜନ ପକ୍ଷରୁ ମିଳିତ ଚଢାଉ କରାଯାଇ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବାର ଜଣାଯାଇଛି। ଗିରଫ ଶିକାରୀ ମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ମାଣିକପୁର ଗାଁର ସାଉରୁ ମୁର୍ମୁ ପିତା ପଞ୍ଚାନନ ମୁର୍ମୁ, ନିତାଇ ମୁର୍ମୁ ପିତା ସାଉରୁ ମୁର୍ମୁ, ମୋହାତୋ କିସ୍କୁ (ହାପ୍ପା) ପିତା ଆଣ୍ଟୁ କିସ୍କୁ ବୋଲି ଜଣାଯାଇଛି। ସେମାନଙ୍କ ଠାରୁ ଗୋଟିଏ ଲୋଡ଼େଡ ବନ୍ଧୁକ, ୨ଟି ଅନଲୋଡ ବନ୍ଧୁକ, ଗୋଟିଏ ବନ୍ଧୁକ ବ୍ୟାରେଲ ସହ ଅଧା ଗଢା ବନ୍ଧୁକ, ବିସ୍ଫୋରକ ଗନ ପାଉଡର, ବହୁ ଧନୁ ତୀର ସହ ଗୋଟିଏ ବଣ୍ଡଲ ଫାସ ଆଦି ଜବଦ କରାଯାଇଛି। ତେବେ ତଦନ୍ତ ବେଳେ ଅନ୍ୟଜଣେ ଶିକାରୀ ଉଦଳା ଥାନା ଖଣ୍ଡାଚିରା ଗ୍ରାମର ଥୁପୁଲ ହେମ୍ବ୍ରାମ ପିତା ଲକ୍ଷ୍ମଣ ହେମ୍ବ୍ରାମଙ୍କ ନାମ ଆସିବାରୁ ତୁରନ୍ତ ଚଢ଼ାଉ କରାଯାଇ ତାଙ୍କୁ ମଧ ଗିରଫ କରାଯାଇଛି। ସେମଧ ବାଘ ଶିକାର ମାମଲାରେ ଜଡିତ ରହିଛି। ତାଙ୍କ ନିକଟରୁ ପେଲେଟ ସହିତ ଗୋଟିଏ ବନ୍ଧୁକ, ୪ ଟି ବାଘ ଦାନ୍ତ, ୮୦ଟି ତୀର ଜବତ କରାଯାଇଛି। ସେମାନଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ସେହିପରି ମୋହାତୋ କିସ୍କୁ ଓରଫ ହାପ୍ପା ନାମକ ଜଣେ ଫେରାର ବାଘ ଶିକାରୀକୁ ମଧ ଗିରଫ କରାଯାଇଛି। ସେ ଜଣେ କୁଖ୍ୟାତ ଶିକାରୀ ହୋଇଥିବା ବେଳେ, ଅଢେଇ ବର୍ଷ ପୂର୍ବେ ସେ ଏକ ମହାବଳ ବାଘ ଶିକାର କରିଥିଲା। ପରେ ଏସଟିଏଫ କ୍ରାଇମ ବ୍ରାଞ୍ଚ ଚଢ଼ାଉ କରି ତା ନିକଟରୁ ବାଘ ଚମଡା ଜବତ କରିଥିଲା। ସେ ଅନେକ ଦିନ ଧରି ଫେରାର ଥିବାରୁ ତାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କୁ ଏସଟିଏଫ ଅପରାଧ ଶାଖାକୁ ହସ୍ତାନ୍ତର କରାଯିବ ବୋଲି ଶିମିଳିପାଳ ଦକ୍ଷିଣ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।

# ରାଜ୍ୟରେ ୫ହଜାର ଡେଇଁଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର, ୧୨/୯ (ନି.ପ୍ର): ରାଜ୍ୟରେ ୫ହଜାର ଡେଇଁଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଡେଙ୍ଗୁ, ମଙ୍କିପକ୍ସ, ବାର୍ଡଫ୍ଲୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରତିକ୍ରିୟା ରଖିଛନ୍ତି । ରାଜ୍ୟରେ ଏଯାବତ୍ ୫୧୩୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଡେଙ୍ଗୁରେ ମୃତ୍ୟୁ ନେଇ ସରକାରୀ ଭାବେ ତଥ୍ୟ ଆସିନି । ବରଗଡ଼ ସ୍କ୍ରବ୍ ଟାଇଫସ୍‌ରେ ୪ ଜଣଙ୍କ ମୃତ୍ୟୁ ଏବେ ବି ସ୍ପଷ୍ଟ ହୋଇନି । କେନ୍ଦ୍ରାପଡ଼ା ଓ ପୁରୀରେ ବାର୍ଡ ଫ୍ଲୁ ଅଂଚଳରେ କୁକୁଡ଼ା କଲିଂ ସରିଛି । ଯାଜପୁର ଓ କଟକର କିଛି ଅଂଚଳରେ କଲିଂ ଆରମ୍ଭ ହୋଇଛି । ସଂକ୍ରମିତ ଅଂଚଳରେ କୁକୁଡ଼ା ଓ ଅଣ୍ଡା ନଖାଇବାକୁ ପରାମର୍ଶ ଦିଆଯାଇଛି । ମଙ୍କିପକ୍ସ ପାଇଁ ଆଡଭାଇଜରୀ ଜାରି ହୋଇଛି, ନଜର ରଖାଯାଇଛି ।

# ହଜରତ ସରକାର ବାବାଙ୍କ ୧୦ମ ବାର୍ଷିକୀ ଫତେହ୍ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୨/୯ (ନି.ପ୍ର): ସରକାର ନଗର, ଭଦ୍ରକରେ ଅବସ୍ଥିତ ଖାନ୍‌କା ସରିଫ୍‌ରେ ହଜରତ ସରକାର ବାବାଙ୍କ ୧୦ମ ବାର୍ଷିକୀ ଫାତେହ ଉତ୍ସବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ୍ ରାଉତରାଏଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ୍ ଗୁ ପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡାକ୍ତର ସୁଧୀର ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ସେପ୍ଟେମ୍ବର ମାସ ୨୩ ଓ୨୪ ତାରିଖ ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବର ଆୟୋଜନ ନେଇ ଗୁଲସାନ୍-ଇ-ଘଉସ୍ପାକ୍ ଟ୍ରଷ୍ଟର ସଭାପତି ସେକ୍ ମୋହି ଉଦ୍ଦିନ୍ ଉତ୍ସବ ଆୟୋଜନର କାର୍ଯ୍ୟସୂଚୀ ସମ୍ବନ୍ଧରେ ବୈଠକରେ ଉପସ୍ଥାପନ କରିଥିଲେ। ପ୍ରଦ ସୂଚନା ଅନୁଯାୟୀ ୨୩ ତାରିଖ ସୋମବାର ଦିନ ଅପରାହ୍ନ ୪ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଠାରୁ ଭୋଗଲାଗି ପାଇଁ ଫଳ ଗ୍ରହଣ କରାଯିବ। ରାତ୍ର ୧୧ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ ଫଳ କଟାଯିବ। ୨୪ ତାରିଖ ମଙ୍ଗଳବାର ଦିନ ଭୋର ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ କୋରାନ ପାଠ ସହ ଫତେହ ପାଳନ କରାଯାଇ ୮ଟାରୁ ମଧାହ୍ନ ୧୨ଟା ଯାଏଁ ଫଳ ଭୋଗ ବିତରଣ କରାଯିବ। ମଧାହ୍ନ ୧୨ଟାରୁ ମଧରାତ୍ର ୧୨ଟା ପର୍ଯ୍ୟନ୍ତ ବଡ଼ ସରକାର ବାବା ଏବଂ ଛୋଟ ସରକାର ବାବାଙ୍କ ଚଦର ଚଢ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖାନକା ସରିଫ୍ ହତା ମଧରେ ଏହି ଉତ୍ସବ ଆୟୋଜିତ ହୋଇଥାଏ। ଖାନ୍‌କା ସରିଫ୍ ବାହାରେ ଆବସ୍ଥିତ କାଦ୍ରୀ ବିରାଦରାନ ଅନୁଷ୍ଠାନ ଦ୍ୱାରା ହଜରତ୍ ବଡ଼ ସରକାର ବାବାଙ୍କ ଦଶମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ୨ ଦିନ ଧରି ଲଙ୍ଗର ଓ ସର୍ବ ଭାରତୀୟ ମୁଶାଏରା ଆୟୋଜନ କରାଯିବ ବୋଲି କମିଟିର ସଭାପତି ସେକ୍ ହବିବୁଲ୍ଲା ଓ ସମ୍ପାଦକ ଅଖତର ଅଲ୍ଲୀ ଖାଁ ବୈଠକରେ ପ୍ରକାଶ କରିଥିଲେ। ରାତ୍ର ୧୨ ଘଟିକାରୁ ବହିରାଗତ ଅତିଥିମାନଙ୍କ ପ୍ରତ୍ୟାଗମନ ଆରମ୍ଭ ହେବ। ଏହି ଉତ୍ସବ ପାଳନ ନେଇ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ଆବଶ୍ୟକ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବା ନେଇ ଜିଲ୍ଲାପାଳ ଓ ଏସ୍.ପି. ପ୍ରକାଶ କରିଥିଲେ।

# ପତ୍ନୀର ଗଳା କାଟିଲା ସ୍ୱାମୀ



କପ୍ତିପଦା, ୧୨/୯ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ କପ୍ତିପଦା ଗ୍ରାମ ପଞ୍ଚାୟତର ବେଲଡିହା କଷିବିଲ୍ ଗ୍ରାମରେ ଏକ ନୃଶଂସ କାଣ୍ଡ ଘଟିଯାଇଛି । ନିଜ ପତ୍ନୀର ଗାଳାକୁ ତାଙ୍କର ସ୍ୱାମୀ ଏକ ଧାରୁଆ ଅସ୍ତ୍ରରେ କାଟିଦେଇଛି । ଖବରରୁ ପ୍ରକାଶ ଯେ ଉକ୍ତ ଗ୍ରାମର ମଙ୍ଗୁଲୁ ନାଏକଙ୍କ ପୁତ୍ର ବିରଞ୍ଚି ନାଏକ ଆଜି ଅପରାହ୍ନ ୩ ଘଟିକା ସମୟରେ ନିକଟସ୍ଥ ଗୁଡିସାହି ଗ୍ରାମରେ ଥିବା ଶଶୁରଘରେ ପହଞ୍ଚି ନିଜ ପତ୍ନୀ ପ୍ରଭାତ ନାଏକ(୨୨)କୁ ପିଟାମରା କରିବା ସହିତ ଏକ ଧାରୁଆ ଛୁରୀ ତାଙ୍କର ବେକକୁ କାଟି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ପାଟିତୁଣ୍ଡ ଶୁଣି ଗ୍ରାମବାସୀମାନେ ପହଞ୍ଚି ଆହତ ପ୍ରଭାତିକୁ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପ୍ରଭାତିଙ୍କ ମାଆ କୁନ୍ତଳାଙ୍କ କହିବାନୁସାରେ ଗତ ୨ମାସ ତଳେ ଝିଅ ପ୍ରଭାତିକୁ ପିଟାମରା କରିବାରୁ ତାକୁ ନିଜ ଘରକୁ ନେଇ ଆଣିଥିଲେ ।

# ଶିଶୁ ବିହାରରେ ବିଜ୍ଞାନ ମେଳା ଅନୁଷ୍ଠିତ



ବାସୁଦେବପୁର, ୧୨/୯ (ନି.ପ୍ର): ବାସୁଦେବପୁର ସହରରେ ଥିବା ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାର ରେ ୧୪ ତମ ବିଜ୍ଞାନ ମେଳା ଏକ ମଧୁର ପରିବେଶ ମଧରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବିଜ୍ଞାନ ମେଳା ରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମହାରଣା ସଭାପତିତ୍ୱ କରିଥିଲେ । ଶିକ୍ଷା ବିକାଶ ସଂସ୍ଥାନ ର ଉତ୍ତର ଓଡ଼ିଶା ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବିଶ୍ୱାଳ ଏହି ମେଳା କୁ ଉଦଘାଟନ କରିଥିଲେ ଓ ଛାତ୍ର ଛାତ୍ରୀଙ୍କ ପ୍ରକଳ୍ପ କୁ ପ୍ରଶଂସା କରିଥିଲେ । ବାୟୁ ପ୍ରଦୂଷଣ, ଜଳ ସଂରକ୍ଷଣ, ବୃକ୍ଷ ର ଉପକାରିତା, ସୋଲାର ସିଷ୍ଟମ ପ୍ରଭୃତି ପ୍ରକଳ୍ପ ସହିତ ଏହି ମେଳା ରେ ୫୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଶିକ୍ଷକ ସମରେନ୍ଦ୍ର ବାରିକ, ସୁଧାଂଶୁ ଶେଖର ବେହେରା, ବିଜୟ ବେହେରା, ରତ୍ନ ମଞ୍ଜରୀ ଦାଶ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଖୁବ୍ ସୁନ୍ଦର ଭାବେ ବିଭିନ୍ନ ଛାତ୍ର ଛାତ୍ରୀ ପ୍ରକଳ୍ପ ଗୁଡ଼ିକୁ ସମସ୍ତ ଙ୍କୁ ବୁଝାଇ ପାରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo